**ଖଇର କାଠ ସହ ଗାଡ଼ି ଜବତ**

ମୁରିବାହାଲ,(ଶ୍ରୀବତ୍ସ ବେହେରା):ବଲାଙ୍ଗୀର ଜିଲା ମୁରିବାହାଲ ବନବିଭାଗ ତରଫରୁ ଚଢ଼ାଉ କରାଯାଇ ଖଇର କାଠଗଣ୍ଡି ଜବତ ହୋଇଛି । କୌଣସି ସୂତ୍ରରୁ ଖବର ପାଇ ବିଭାଗୀୟ କର୍ମଚାରୀମାନେ ଚଲକି ବନ୍ଧପଲା ନିକଟରେ ସନ୍ଦେହରେ ଏକ ପିକ୍ଅପ୍ ଭ୍ୟାନ (ନଂ ସିଜି୧୩-ଏ ୨୫୮୫) ଅଟକାଇ ଥିଲେ। ଏହି ସମୟରେ ଭ୍ୟାନ୍ ଛାଡି ଡ୍ରାଇଭର କୌଶଳ କ୍ରମେ ଫେରାର ହୋଇ ଯାଇଥିଲେ । ପରେ ଉକ୍ତ ଭ୍ୟାନ୍ ସହ ସେଥିରେ ଥିବା୧୨ କୁଇଣ୍ଟାଲ ଖଇର କାଠ ଜବତ କରାଯାଇଥିଲା। ଚଢ଼ାଉ ସମୟରେ ଫରେଷ୍ଟର ଧ୍ରୁବଚରଣ ବଗର୍ତ୍ତି, ଫରେଷ୍ଟ ଗାର୍ଡ ସୁମନ୍ତ ଧରୁଆ, ଫରେଷ୍ଟର ଘନଶ୍ୟାମ ପଶାୟତ ପ୍ରମୁଖ ସାମିଲ ଥିଲେ।

# ସୁରେନ୍ଦ୍ର ସାଏ ଉପେକ୍ଷିତ ନାୟକ

## ସମ୍ବଲପୁର ପୁସ୍ତକ ମେଳାରେ ଆଲୋଚନାଚକ୍ର

### ସ୍ୱାଧୀନତା ସଂଗ୍ରାମରେ ସୁରେନ୍ଦ୍ର ସାଏଙ୍କ ଭୂମିକା

**ସମ୍ବଲପୁର,୨୩।୧(ବି.ଶଙ୍କର)**

ସ୍ୱାଧିନତା ସଂଗ୍ରାମରେ ସୁରେନ୍ଦ୍ର ସାଏଙ୍କ ଭୂମିକା ଶୀର୍ଷକ ଆଲୋଚନା ଚକ୍ର ବୁଧବାର ସନ୍ଧ୍ୟା ୬ଟାରେ ଅଇଁଠାପାଲି ପିଏଚ୍ଡି ପଡିଆ ସ୍ଥିତ ସମ୍ବଲପୁର ପୁସ୍ତକ ମେଳା ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଏନ୍‌ବିଟି ଓ ସେତୁ ମିଳିତ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ଡ. ପ୍ରସନ୍ନ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ପ୍ରଫେସର ସାଧୁଚରଣ ପଣ୍ଡା ଯୋଗ ଦେଇଥିଲେ । ପ୍ରଫେସର ପଣ୍ଡା ତାଙ୍କ ବକ୍ତବ୍ୟରେ କହିଥିଲେ, ବୀର ସୁରେନ୍ଦ୍ର ସାଏଙ୍କ ବୀର ଗାଥା ଆଜି ମଧ୍ୟ ଇତିହାସ ପୃଷ୍ଠାରେ ଉପଯୁକ୍ତଭାବେ ସ୍ଥାନିତ ହୋଇ ପାରିନାହିଁ । ଏହା ଆମକୁ ହିଁ ଦେଖିବାକୁ ହେବ । ତାଙ୍କ ସଂଘର୍ଷ କାହାଣୀ ପ୍ରତ୍ୟେକ ସମ୍ବଲପୁର ବାସୀଙ୍କ ମଧ୍ୟରେ ପରିଚିତ ହେବା ସହିତ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଉପଯୁକ୍ତ ସ୍ଥାନ ଦିଆଯିବା ଆବଶ୍ୟକତା ରହିଛି।

ବିଶିଷ୍ଟ ବକ୍ତାଭାବେ ଯୋଗଦାନ କରି ଡ. ପ୍ରଭାତ ମଲ୍ଲିକ ମିଶ୍ର ଓ ଡ. ପତିତପାବନ ମିଶ୍ର ସ୍ୱାଧୀନତା ଆନ୍ଦୋଳନରେ ବୀର ସୁରେନ୍ଦ୍ର ସାଏଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ବୀର ସୁରେନ୍ଦ୍ର ସାଏ ଜଣେ ଉପେକ୍ଷିତ ନାୟକ । ଇଂରେଜମାନଙ୍କ ବିରୁଦ୍ଧରେ ପୁଞ୍ଜିଭୂତ କ୍ରୋଧର ପ୍ରତିଫଳନ ହିଁ ଉଲଗୁଲାନ୍ । ୧୮ଟି ଗଡ଼ଜାତକୁ ନେଇ ଗଠିତ ହୀରାଖଣ୍ଡ ସାମ୍ରାଜ୍ୟର ସଂଗ୍ରାମ ଏକ ଗଣ ଆନ୍ଦୋଳନର ରୂପ ନେଇଥିଲା। ସେହି ସଂଗ୍ରାମର ସେନାନୀ ସମସ୍ତଙ୍କ ସଲାମ ପାଇବାକୁ ଯୋଗ୍ୟ ଅଟନ୍ତି ବୋଲି ଡ. ମଲ୍ଲିକ ମତବ୍ୟକ୍ତ କରିଥିଲେ। ଅନ୍ୟତମ ବକ୍ତା ଡ. ପତିତପାବନ ମିଶ୍ର କହିଥିଲେ, ବ୍ରିଟିଶ ଶାସନକୁ ଦୋହଲେଇ ଦେବାରେ ସମ୍ବଲପୁରର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ଥିଲା। ସିପାହୀ ବିଦ୍ରୋହର ବହୁ ପୂର୍ବରୁ ସମ୍ବଲପୁର ମାଟିରେ ବୀର ସୁରେନ୍ଦ୍ର ସାଏଙ୍କ ସଶସ୍ତ୍ର ସଂଗ୍ରାମ ଇଂରେଜମାନଙ୍କ ହୃଦ୍‌ସ୍ପନ୍ଦନ ବଢ଼େଇ ଦେଇଥିଲା । ଅଥଚ ଆଜି ସେହି ସଂଗ୍ରାମର ଇତିହାସ ଅସମ୍ପୂର୍ଣ୍ଣ। ଏଥିପାଇଁ ଆହୁରି ଅଧିକ ଗବେଷଣାର ଆବଶ୍ୟକତା ରହିଛି। ଭାରତୀୟ ସ୍ୱାଧୀନତା ବୀର ସୁରେନ୍ଦ୍ର ସାଏଙ୍କ ଭୂମିକା ଯାହା ଲୋକ ଲୋଚନକୁ ଠିକ୍ ଭାବେ ଆସିବା ଉଚିତ। ସୁରେନ୍ଦ୍ର ସାଏ ଯେଉଁଭଳି ଭାବେ ଲୋକ ଲୋଚନକୁ ଆସିବା କଥା ସେତିକି ପରିମାଣରେ ଆସିପାରି ନାହାନ୍ତି। ତେଣୁ ତାଙ୍କର ବୀରତ୍ୱର ଗାଥା ଆହୁରି ଅଧିକ ଆଲୋଚନା କରାଯାଉଛି ବୋଲି ଡ. ମିଶ୍ର ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ମୁଖ୍ୟ ଅତିଥି ପ୍ରଫେସର ପଣ୍ଡାଙ୍କ ଦ୍ୱାରା ସମ୍ବଲପୁରୀ ଭାଷାରେ ରଚିତ ଗ୍ରାମ୍ୟ ଜୀବନରେ ସତ୍ୟର ସ୍ପନ୍ଦନ ଭାବେ ଉପସ୍ଥାପିତ ପୁସ୍ତକ 'ମୋର ଗାଁ'ଉନ୍ମୋଚିତ ହୋଇଥିଲା। ସେତୁର ସଭାପତି ଡ. ମୀନକେତନ ପାଠୀ, କାର୍ଯ୍ୟକ୍ରମ ସଂଯୋଜକ ଡ. ସ୍ୱୟଂ ପ୍ରକାଶ ପଣ୍ଡା ଉପସ୍ଥିତ ଥିଲେ । ଶେଷରେ ସେତୁର ଯୁଗ୍ମ ସମ୍ପାଦକ ଜୟକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।


ତିଥିମାନେ ପୁସ୍ତକ ମୋର ଗାଁ ଉନ୍ମୋଚନ କରୁଛନ୍ତି।

# ଦାବି ପୂରଣ ନ ହେଲେ ଧାରଣା



ଖବରଦାତା ସମ୍ମିଳନୀ ।

- ଅଲ୍ ଓଡ଼ିଶା କେକେଡ଼ି ହଟାଓ ଆକଶନ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ
- ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜାତିଗତ ପ୍ରମାଣପତ୍ର ନକଲି ଅଭିଯୋଗ

**ପାଟଣାଗଡ,୨୩।୧(ସଚ୍ଚିଦାନନ୍ଦ ମହାକୁର)**

ପାଟଣାଗଡ ଏନଏସିର ଏକ ରେଷ୍ଟୁରାଣ୍ଟଠାରେ ଗୁରୁବାର ଅଲ ଓଡ଼ିଶା କେକେଡି (କେଉଟ, କୈବର୍ତ୍ତ, ଧୀବର) ହଟାଓ ଆକସନ କମିଟି ପକ୍ଷରୁ ରାଜ୍ୟ ଆବାହକ ଡିଙ୍ଗର କୁମ୍ଭାର ଓ ଲକ୍ଷେଘର ଗଣ୍ଡା ସମାଜର ସଭାପତି ଜୟନ୍ତ କୁମ୍ଭାରଙ୍କ ନେତୃତ୍ୱରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ନକଲି ଜାତିଗତ ପ୍ରମାଣପତ୍ର ହାତେଇ ବିଧାୟକ ହେବା ସହ ବିଭିନ୍ନ କ୍ଷେତ୍ରରେ ଫାଇଦା ନେଇଥିବା ନେଇ ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଏପରି କି ଏ ସମ୍ପର୍କିତ ତଦନ୍ତ ରିପୋର୍ଟକୁ ମଧ୍ୟ ଚପାଇ ଦିଆଯିବା ନେଇ ସଂଘ ସମ୍ମିଳନୀରେ ଅଭିଯୋଗ କରିଛି। ଆସନ୍ତା ୧୫ ଦିନ ମଧ୍ୟରେ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରି ଆଇନ ଅନୁଯାୟୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ନଚେତ୍ ଆସନ୍ତା ୧୦ ତାରିଖରେ ସଂଘ ପକ୍ଷରୁ ଜିଲାପାଳ ଓ ଆରଡିସି ଅଫିସ ଘେରାଉ କରାଯିବା ସହ ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଲକ୍ଷେଘର ଗଣ୍ଡା ସମାଜ ଖପ୍ରାଖୋଲ ବ୍ଲକ ସଭାପତି ନିରାକାର ଛୁରା, ସମାଜର ଅଡିଟର ଗୌରାଙ୍ଗ ବାରିକଙ୍କ ସମେତ ଛଅକୋର ଘାସି ସମାଜର ହରି ସିଂ ଗୁଲ୍ଲା ଉପସ୍ଥିତ ଥିଲେ।

# ଆବଶ୍ୟକତା ବ୍ୟକ୍ତିକୁ ସଫଳ ବୈଜ୍ଞାନିକ କରିପାରିବ


ବିଜ୍ଞାନ ମେଳାରେ ମଞ୍ଚାସୀନ ଅତିଥି ଓ ବିଚାରକ।

## ସମ୍ବଲପୁର ବିଦ୍ୟା ବିକାଶ ପ୍ରାଙ୍ଗଣରେ ବିଜ୍ଞାନ ମେଳା

**ସମ୍ବଲପୁର,୨୩।୧(ବି.ଶଙ୍କର)**

ସମ୍ବଲପୁର ଶାସନସ୍ଥିତ ବିଦ୍ୟା ବିକାଶ ଅନୁଷ୍ଠାନ ସମୂହରେ ବିଜ୍ଞାନ ମେଳା ଗୁରୁବାର ସନ୍ଧ୍ୟା ୫ଟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୂର୍ବତନ ନିର୍ଦ୍ଦେଶକ ଏସ୍‌ସିଇଆରଟି ପ୍ରଫେସର ସେବକ ତ୍ରିପାଠୀ ମେଳାକୁ ଉଦ୍‌ଘାଟନ କରିଥିଲେ। ସାହସ, ଦୃଢ଼ ଇଚ୍ଛାଶକ୍ତି, ଆତ୍ମବିଶ୍ୱାସ ଓ ଆବଶ୍ୟକତା ହିଁ ବ୍ୟକ୍ତିକୁ ଏକ ସଫଳ ବୈଜ୍ଞାନିକ କରିପାରିବ। ଏହି ବିଜ୍ଞାନ ମେଳାରେ ଛାତ୍ରୀଛାତ୍ରମାନେ ୨ଶହ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୁରୁକୁଳ ଆଶ୍ରମ, ସଙ୍ଗୀତ ମଞ୍ଚ, ପରିବା ହାଟ, ବିଭିନ୍ନ ବ୍ୟଞ୍ଜନ ମେଳା ବିଶେଷ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ବିଦ୍ୟାବିକାଶ ଅନୁଷ୍ଠାନ ସମୂହ ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ଜି.ଭାସ୍କର ରାଓ ପ୍ରଂଶସା କରିଥିଲେ। ଏଥିସହ ଭବିଷ୍ୟତର ବୈଜ୍ଞାନିକମାନେ କିପରି ନିଜର ନୂତନ ଚିନ୍ତାଧାରା ଦ୍ୱାରା ଦେଶକୁ ଗୌରବାନ୍ୱିତ କରିବେ ବୋଲି ଶୁଭକାମନା ଜଣାଇଥିଲେ। ପ୍ରକଳ୍ପ ମୂଲ୍ୟାଙ୍କ ବିଜ୍ଞାନ ପାଇଁ ବୈଦିକ ସ୍କୁଲର ଅଙ୍କିତ ପାଣ୍ଡେ ଓ କ୍ଷିତିଶ କୁମାର ଦେହୁରି, ଗଣିତ ପାଇଁ ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲର ଆକବର ଅଲି ଖାନ୍ ଓ ବିକାଶ ଫାଷ୍ଟ ଷ୍ଟେପ ସ୍କୁଲର ରାଜେନ୍ଦ୍ର ପ୍ରସାଦ ଦୀପ, ସାମାଜିକ ବିଜ୍ଞାନ ପାଇଁ ମଦନାବତି ସ୍କୁଲର ପୁନମ ସାନମ ଓ ବିକାଶ କନସେପ୍ଟ ସ୍କୁଲର ସମିର କାନ୍ତ ଦାସ, କଳା ସାହିତ୍ୟ ପାଇଁ ସେଭେନ ହିଲ ସ୍କୁଲର ଅଶ୍ୱିନୀ କୁମାର ସିଂ ଓ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଶ୍ୱଜିତ ଗାଙ୍ଗୁଲି କରିଥିଲେ। ବିଦ୍ୟା ବିକାଶ ଅନୁଷ୍ଠାନ ସମୂହର ନିର୍ଦ୍ଦେଶକ ଜି.ରାମକୃଷ୍ଣ, ମୁଖ୍ୟ ପ୍ରଶାସନିକ ଅଧିକାରୀ ତଥା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ସଞ୍ଜୀବ କୁମାର ବାବୁ , ବିକାଶ ଦ କନସେପ୍ଟ ସ୍କୁଲ ଅଧକ୍ଷ ମନୋରଞ୍ଜନ ପତି, ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲ ଅଧକ୍ଷା ଡ. ପୁଷ୍ପିତା ପଣ୍ଡା, ବିକାଶ ନର୍ସିଂ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଇଶ୍ୱର ନାଗ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉପାଧକ୍ଷ ଡ. ଦିବ୍ୟସିଂହ ମହନ୍ତ, ବିକାଶ ଦ କନସେପ୍ଟ ସ୍କୁଲ ଉପାଧକ୍ଷ ଯଶବନ୍ତ ସାହୁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ମେଳା ଅନୁଷ୍ଠିତ ହେଇଥିଲା।

# କଳାହାଣ୍ଡି ଇଲେଭେନ ଷ୍ଟାର ଫାଇନାଲକୁ ଉନ୍ନୀତ

## ମା' ପାଟଖଣ୍ଡା ଅଲ୍ ଓଡ଼ିଶା ଫୁଟବଲ ଟୁର୍ନାମେଣ୍ଟ

**ଦେଓଗାଁ,୨୩।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ଦେଓଗାଁ ବ୍ଲକ ଜରାସିଂହା ଲାଲ ଜଗନ୍ନାଥ ପ୍ରସାଦ ମିନିଷ୍ଟାଡିୟମଠାରେ ଚାଲିଥିବା ମା' ପାଟଖଣ୍ଡା ଫୁଟବଲ କପ୍ ଷଷ୍ଠ ଦିବସରେ ଫୁଲବାଣୀ କ୍ରୀଡା ଛାତ୍ରାବାସ ଦଳ ଓ କଳାହାଣ୍ଡି ଇଲେଭେନ ଷ୍ଟାର ଦଳ ମଧ୍ୟରେ ଦ୍ୱିତୀୟ ସେମି ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡି ଇଲେଭେନ ଷ୍ଟାର ଦଳ ୪-୧ଗୋଲରେ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଛି। ସଞ୍ଜନ କୁଦେଇ, ଦେବାଶିଷ ବାଗ, ବିକି ବିଶି ଓ ଲୋକନାଥ ଦଣ୍ଡସେନା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଭୋଲା ପଥ୍ରିମାଲି ଧାରା ବିବରଣୀ ପ୍ରଦାନ କରିଥିଲେ । କମିଟି ସଭାପତି କରୁଣାକର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଦେଓଗାଁ ତହସିଲଦାର ବିକ୍ରମ କେଶରୀ ନାୟକ, ଜିଲା କ୍ରୀଡା ସଂସଦ କୋଷାଧକ୍ଷ ହେମନ୍ତ କୁମାର ବେହେରା, ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର, ସଭ୍ୟ କୈଳାସ କର୍ଣ୍ଣ , ଭାଗ୍ୟବନ୍ତ ମେହେର, ସରପଞ୍ଚ କୁଶମଣି ମେହେର ପ୍ରମୁଖ ଯୋଗ ଦେଇଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ପପୁ ମାଝୀଙ୍କୁ ସମ୍ମାନିତ କରାଯାଇଥିଲା। ଫୁଟବଲ ଟୁର୍ନାମେଣ୍ଟ ପରିଚାଳନାରେ ବିଏନଏଏର ସମସ୍ତ କର୍ମକର୍ତ୍ତା ସହଯୋଗ କରୁଛନ୍ତି। ଶୁକ୍ରବାର ବୌଦ୍ଧ ଗେହ୍ଲା ମା' କ୍ଲବ ଓ କଳାହାଣ୍ଡି ଇଲେଭେନ ଷ୍ଟାର ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।


ଫୁଟବଲ ଟୁର୍ନାମେଣ୍ଟର ଷଷ୍ଠ ଦିବସରେ ଖେଳାଳିଙ୍କ ଗହଣରେ ଅତିଥି ବୃନ୍ଦ ।

# ଛବିଲ ସାଏ ଫୁଟବଲ: ଚାରଭାଟୀ ଚାମ୍ପିୟନ


ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

**ସମ୍ବଲପୁର,୨୩।୧(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ମହାନଗର କୁଦୋପାଲି ଖେଳପଡିଆରେ ଗୁରୁବାର ଛବିଲ ସାଏ କପ୍ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ଚାରଭାଟୀ ଦଳ ସୋନପୁର ଭେଟରାନ ଦଳକୁ ଟାଇବ୍ରେକର ୫-୪ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି । ସନ୍ଧ୍ୟା ସାଢେ ୬ଟାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ବିଧାୟକ ଜୟନାରାୟଣ ମିଶ୍ର ଏବଂ ପୂର୍ବତନ ବିଧାୟକ ନାଉରୀ ନାୟକ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତା କୁଦୋପାଲି ମାଟିର ବୀର ସଂଗ୍ରାମୀଙ୍କ ସ୍ମୃତିରେ ହୋଇଥିଲା। ପ୍ରତିଯୋଗିତା ଆୟୋଜନରେ ବୀର ଛବିଲ ସାଏ ସଙ୍ଗଠନ ସଭାପତି ପ୍ରଫୁଲ୍ଲ ଭୋଇ, ସମ୍ପାଦକ ତରଣୀ ସେଠ, କୋଷାଧକ୍ଷ ଟିକନ ବେହେରା, ସୁଦାମ ସେଠ, ଚନ୍ଦନ ସାହାଣୀ, ସୁନୀଲ ସାହାଣୀ, ମାନସ ଭୋଇ, କିରଣ ଭୋଇ, ସିଦ୍ଧାର୍ଥ ମିର୍ଦ୍ଧା, ସତ୍ୟ ବେହେରା ସହଯୋଗ କରିଥିଲେ ।

# ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ: ବେଲପାହାଡ଼ ଚାମ୍ପିୟନ


ଚାମ୍ପିୟନ ଦଳକୁ ଜିଲାପାଳ ଟ୍ରଫି ପ୍ରଦାନ କରୁଛନ୍ତି।

**ଝାରସୁଗୁଡ଼ା,୨୩।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସହରସ୍ଥିତ ଓଏସ୍ଏପି ମିନି ଷ୍ଟାଡିୟମ୍‌ଠାରେ ଚାଲିଥିବା ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଗୁରୁବାର ଅପରାହ୍ନ ୨ଟାରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ବେଲପାହାଡ଼ ପିଆର ଚକି ଦଳ ଝାରସୁଗୁଡା ଉତ୍କଳ ଆଥେଲେଟିକ ଦଳକୁ ୫-୦ ଗୋଲରେ ପରାସ୍ତ କରି ମୁଖ୍ୟମନ୍ତ୍ରୀ କପ୍ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପାଳ ସୁନୀଲ ଆବୋଲି ନରୱାଣେ ଯୋଗଦେଇ ବେଲପାହାଡ଼ ଦଳକୁ ଚାମ୍ପିୟନ ଟ୍ରଫି ଏବଂ ରନ୍‌ରଅପ୍ ଝାରସୁଗୁଡା ଦଳକୁ ରନର ଅପ୍ ଟ୍ରଫି ପ୍ରଦାନ କରିଥିଲେ।ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପ୍ରିୟାଂଶୁ ବେହେରା, ଶ୍ରେଷ୍ଠ ସ୍କୋରର ଭାବେ ମନୀଷ ଓରାମ, ଶ୍ରେଷ୍ଠ ଗୋଲ କିପର ଭାବେ ସନ୍ତୋଷ ଓରାମ ଓ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଶ୍ରବଣ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ମ୍ୟାଚ୍ ଆରମ୍ଭ ବେଳେ ପିଡି ଡିଆରଡିଏ ପ୍ରବୀର ନାୟକ, ଓଏସଏପି କମାଣ୍ଡାଣ୍ଟ ଶିବ ପ୍ରସାଦ ତମଙ୍ଗ ଓ ଝାରସୁଗୁଡ଼ା ଜିଲାର ଯୁବ ସଙ୍ଗଠକ ଦୁର୍ଗେଶ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅମିତ ବାଗ, ଧୀରଜ ଲୁହୁରା, ରତ୍ନାକର ଭୋଇ, ସଞ୍ଜୟ କିଷାନ ମ୍ୟାଚ୍ ରେଫରୀ ଭାବେ କାର୍ଯ୍ୟ ତୁଲାଇଥିଲେ। ଟୁର୍ନାମେଣ୍ଟରେ ଜିଲା ସ୍ପୋର୍ଟ୍ସ କ୍ଲବ ସାଧାରଣ ସମ୍ପାଦକ ତାପସରାୟ ଚୌଧୁରୀଙ୍କ ସହିତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ପିକ୍‌ଅପ୍ ଚାଳକଙ୍କ ମୃତ୍ୟୁ

**ଲାଞ୍ଜିଗଡ଼,୨୩।୧(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଭବାନୀପାଟଣାଠାରୁ ବିଶାଖାପାଟଣାକୁ ସଂଯୋଗ କରୁଥିବା ୬ନଂ. ରାଜ୍ୟ ରାଜପଥ ସିକେରକୁପା ଛକରେ ଏକ କୋଇଲା ବୋଝେଇ ଟ୍ରକ୍ ଧକ୍କାରେ ପିକ୍‌ଅପ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନିଶିକା ଅଭିନାଶ ପାତ୍ର (୨୫) ଓ ତାଙ୍କ ଘର ଆନ୍ଧ୍ରପ୍ରଦେଶ ରାଜ୍ୟ ଶ୍ରୀକାକୁଲମ ଜିଲା ପେଦାବ୍ରାହ୍ମଣୀ ଗ୍ରାମରେ। ସୂଚନା ଅନୁଯାୟୀ ସିକେରକୁପା ଛକରେ ପିକ୍‌ଅପ୍ (ନଂଏପି୩୯ୟୁୟୁ-୮୫୫୫) ରାସ୍ତାକଡ଼ରେ ଅଟକି ରହିଥିବା ବେଳେ ରାୟପୁରକୁ ଯାଉଥିବା କୋଇଲା ବୋଝେଇ ଟ୍ରକ୍ (ସିଜି୦୪ପିବି-୩୨୧୮) ପଛପଟୁ ଧକ୍କାଦେଇ ଓଲଟିପଡ଼ିଥିଲା। ଫଳରେ ରାସ୍ତାକଡ଼ରେ ଠିଆ ହୋଇଥିବା ପିକ୍‌ଅପ୍ ଚାଳକ କୋଇଲାରେ ପୋତିହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାରକରି ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସିକେରକୁପା ଫାଣ୍ଡି ପୋଲିସ ଟ୍ରକ୍ ଚାଳକଙ୍କୁ ଫାଣ୍ଡିରେ ଅଟକ ରଖି ତଦନ୍ତ ଚଳାଇଛି। ଏ ନେଇ ନର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୨/୨୫) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ନର୍ଲା ଥାନାଧିକାରୀ ମମତା ପାଣିଗ୍ରାହୀ ସୂଚନା ପ୍ରଦାନ କରିଛନ୍ତି।

### ଗାଡ଼ି ଧକ୍କାରେ ଜଣେ ଗୁରୁତର

**ଲାଞ୍ଜିଗଡ଼,୨୩।୧(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍ ନର୍ଲା ଥାନା ସିକେରକୁପା ଫାଣ୍ଡି ଅନ୍ତର୍ଗତ ଭବାନୀପାଟଣାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥ କାଉଗୁଡ଼ା ନିକଟରେ ଗୁରୁବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ କାଉଗୁଡା ଗ୍ରାମର ସଦା ମାଝୀ। ସଦା ରାସ୍ତା ପାର ହେଉଥିବା ସମୟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ସିକେରକୁପା ଫାଣ୍ଡି ପୋଲିସ ପହଞ୍ଚି ତାଙ୍କୁ ଚିକିତ୍ସା ପାଇଁ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିବା ଫାଣ୍ଡି ଅଧିକାରୀ ମୀନକେତନ ଶବରଠାରୁ ସୂଚନା ମିଳିଛି।

### ନ୍ୟୁଇୟର କପ୍ କ୍ରିକେଟ ଉଦ୍‌ଘାଟିତ

**ନୂଆପଡ଼ା,୨୩।୧ (ମକାରୁ ବେମାଲ):** ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମରେ ଦେଶୀ ବୟେଜ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ୧୮ତମ ନ୍ୟୁ ଇୟର କପ୍ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ଗନିଆରି ଓ ମାନିଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗନିଆରି ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୯୬ ରନ ସଂଗ୍ରହ କରିଥିଲା। ଜବାବରେ ମାନିଗୁଡା ଦଳ ୬ ଓଭରରେ ୫ ଉଇକେଟ ହରାଇ ୯୭ ରନ କରି ବିଜୟୀ ହୋଇଥିଲେ। ଅନୁଷ୍ଠାନର ସଭାପତି ଅଜୟ କୁମାର ଗହିରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ଶ୍ୟାମସୁନ୍ଦର ପୃଷ୍ଟି ମୁଖ୍ୟଅତିଥି, ମାଧବ ପ୍ରସାଦ ସାହୁ, କନକ କୁମାର ଭାଷାଣି, ଝଙ୍କର ଯୋଗେନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ହେମନ୍ତ ଚିରାଙ୍ଗୁଲ ଓ ବୁଲୁ ବନଛୋର ଖେଳ ପରିଚାଳନା କରିଥିଲେ।

### ବଲାଙ୍ଗୀର ଜିଲା ଏଡିଇଓ ସଂଘ ଗଠିତ

**ଖପ୍ରାଖୋଲ,୨୩।୧(ଅଭୟ ତ୍ରିପାଠୀ):** ଖପ୍ରାଖୋଲ ବ୍ଲକର ହରିଶଙ୍କରଠାରେ ବଲାଙ୍ଗୀର ଜିଲା ଏଡିଇଓ ସଂଘର ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଭାବେ ରଜନୀକାନ୍ତ ପଟ୍ଟନାୟକ, ଉପସଭାପତି ଏସ. ମିଶ୍ର, ସମ୍ପାଦକ ପ୍ରତାପ ଚନ୍ଦ୍ର ମିଶ୍ର, ସହସମ୍ପାଦକ ଦେବଶିଷ ମହାକୁଡ଼,କୋଷାଧ୍ୟକ୍ଷ ସୁକଦେବ ସେଠ, ଶଶୀଭୂଷଣ ହୋତା ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ପୃଥିରାଜ ବାଗ, ଡମ୍ବରୁ ଧର ତାଣ୍ଡି, ଦିନେଶ ଜାଲ, ଜ୍ୟୋତି ସୁନା, ଟଙ୍କଧର ବେହେରା, ଝସକେତନ ସାହୁ, ସନ୍ତୋଷିନୀ ଜାଲ, ରାସବିହାରୀ ଘିଭେଲା, ଲୋଚନ ବେହେରା, ଡୋଲାମଣି ସାହୁ, ରାଜକପୁର ବାଗ, ସଚିନ ବିଭାର, ବିଭୁଦତ୍ତ ପୁରୋହିତ ପ୍ରମୁଖ ରହିଛନ୍ତି। ସଂଘକୁ କିପରି ମଜବୁତ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ବିଭିନ୍ନ ବ୍ଲକର ଏଡିଇଓ ଉପସ୍ଥିତ ଥିଲେ।

# ୨୬ ମିଲରଙ୍କୁ ଚାଉଳ ସଂଗ୍ରହ ବନ୍ଦ ନିର୍ଦ୍ଦେଶର ପ୍ରତିବାଦ

**ଭବାନୀପାଟଣା,୨୩।୧(ଉତ୍ତମ କୁମାର ଦାଶ)**


ଜୁନାଗଡ ମଣ୍ଡିରେ ଧାନ କିଣା ଚାଲିଛି।

■ ଆଜିଠୁ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ମିଲର
■ ଜିଲାରେ ଧାନକିଣା ବନ୍ଦ ହେବା ଆଶଙ୍କା

କଳାହାଣ୍ଡି ଜିଲାରେ ୨୬ ମିଲରଙ୍କୁ ଚାଉଳ ସଂଗ୍ରହ ବନ୍ଦ ନିର୍ଦ୍ଦେଶର ପୁଣି ପ୍ରତିବାଦ କରିଛି ଜିଲା ମିଲର୍ସ ସଂଘ। ଏହାକୁ ନେଇ ଗତ ୧୮ ତାରିଖରେ ମିଲରମାନେ ଆନ୍ଦୋଳନ ଡାକରା ଦେଇଥିଲେ। ଫଳରେ ଜିଲାର ୨୨୩ଟି ମଣ୍ଡିରେ ଧାନକିଣା ବନ୍ଦ ରହିଥିଲା। ଏହାପରେ ଜିଲାପାଳ ମିଲରମାନଙ୍କୁ ଡାକି ଆସନ୍ତା ବୁଧବାର ସୁଦ୍ଧା ଏହାର ସମାଧାନ ହୋଇଯିବ ବୋଲି କହିଥିଲେ। ହେଲେ ବୁଧବାର ଯାଇ ଗୁରୁବାର ହୋଇଥିଲେ ମଧ୍ୟ ଏହି ଘଟଣାର ସମାଧାନ ହୋଇ ନ ଥିବାରୁ ଶୁକ୍ରବାରଠାରୁ ମିଲରମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଜିଲା ସଭାପତି ନଳିନ କୁମାର ପଟ୍ଟଯୋଷୀ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ନଭେମ୍ବରରେ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ପକ୍ଷରୁ ଜିଲାର ସମସ୍ତ ମିଲ୍‌ମାନଙ୍କରେ ତନଖି କରାଯାଇଥିଲା। ସେଥିମଧ୍ୟରୁ ୨୬ଟି ମିଲରେ ୩୮୩ ପ୍ୟାକେଟ୍ ଧାନ ବସ୍ତା କମ୍ ଥିବା ଜଣାପଡିଥିଲା। ଏହା ମିଲରମାନଙ୍କ ଅନିୟମିତତା ବୋଲି ଏଫ୍‌ସିଆଇ ପକ୍ଷରୁ ସରକାରଙ୍କୁ ରିର୍ପୋଟ ପ୍ରଦାନ କରାଯାଇଥିଲା। କିନ୍ତୁ ଏହାକୁ ସହଜରେ ଗ୍ରହଣ କରି ପାରୁନାହାନ୍ତି ମିଲର୍ସ। ସେମାନେ ପାଲଟା ଅଭିଯୋଗ ଆଣିଛନ୍ତି ଯେ, ଏହି ୨୬ ମିଲର ନିର୍ଦ୍ଧାରିତ ସମୟରେ ଶତ ପ୍ରତିଶତ ଚାଉଳ ଯୋଗାଇଛନ୍ତି। ସେମାନଙ୍କୁ ଅଯଥା ଦୋଷାରୋପ କରାଯାଇ ଚାଉଳ ସଂଗ୍ରହ ବନ୍ଦ କରାଯାଇଛି। ଅନ୍ୟପକ୍ଷରେ, ଚଳିତ ଖରିଫ୍ ମଣ୍ଡିରେ ଧାନ କିଣିବା ପାଇଁ ଉପରୋକ୍ତ ୨୬ ମିଲର୍ସଙ୍କୁ କାହିଁକି ନିୟୋଜିତ କରାଗଲା ବୋଲି ପ୍ରଶ୍ନ କରିଛି ସଂଘ। ତେଣୁ ଏହାର ଶୀଘ୍ର ସମାଧାନ କରିବା ପାଇଁ ସରକାରଙ୍କୁ ଅବଗତି ନିମନ୍ତେ ଜିଲାପାଳ ଓ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ସଂଘ ପକ୍ଷରୁ ଦାବିପତ୍ର ଦିଆଯାଇଛି। ବର୍ତ୍ତମାନ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ। ଏପରି ସମୟରେ ମିଲର୍ସଙ୍କ ଆନ୍ଦୋଳନ ଯୋଗୁ ଧାନ କିଣା ବନ୍ଦ ଆଶଙ୍କା କରି ଚାଷୀମାନେ ଚିନ୍ତାରେ ଅଛନ୍ତି। ଚଳିତ ଖରିଫରେ ଜିଲାରେ ଧାନ କିଣା ଟାର୍ଗେଟ ୫୮ଲକ୍ଷ କୁଇଣ୍ଟାଲ ରହିଥିବାବେଳେ ଗୁରୁବାର ସୁଦ୍ଧା ୯୫ହଜାର ଚାଷୀଙ୍କ ୫୦ଲକ୍ଷ କୁଇଣ୍ଟାଲ ଧାନ ଉଠାଣ କରାଯାଇଥିବା ଜିଲା ଯୋଗାଣ ବିଭାଗ ପକ୍ଷରୁ ଜଣାପଡିଛି। ଫଳରେ ଅବଶିଷ୍ଟ ୮ ଲକ୍ଷ କୁଇଣ୍ଟାଲ ଧାନ ମଣ୍ଡିରେ ବିକ୍ରି ନ ହୋଇ ପଡିରହିଛି। ଶେଷ ପର୍ଯ୍ୟାୟରେ ମିଲର୍ସ ଆନ୍ଦୋଳନ କରିବା ଶୁଣି ଧାନ ବିକ୍ରି କରିପାରି ନ ଥିବା ଚାଷୀଙ୍କ ମଧ୍ୟରେ ଛନକା ପଶିଛି। ଏ ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ମୋହନ ସାହୁଙ୍କୁ ପଚାରିବାରୁ ମିଲର୍ସମାନେ ଆନ୍ଦୋଳନକୁ ଯିବା କଥା ମୁଁ ଜାଣିନାହିଁ। ଏହା ଜିଲା ସ୍ତରରେ ମଧ୍ୟ ସମାଧାନ ହେବ ନାହିଁ ବୋଲି କହିଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**କୋକସରା,୨୩।୧ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ୍ ଆମପାଣି ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ୭୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁ ସଭାପତିତ୍ୱ କରିଥିଲେ। ଆମପାଣି ମଣ୍ଡଳ ଭାଜପା ସଭାପତି ମଧୁବନ ପାତ୍ର ମୁଖ୍ୟ ଅତିଥି, ବେହେରା କଲେଜ ଅଧ୍ୟାପକ ଅକ୍ଷୟ ପଟ୍ଟନାୟକ ମୁଖ୍ୟବକ୍ତା ଓ ଆମପାଣି ସରପଞ୍ଚ ରୁକ୍ମିଣୀ ବାଣ୍ଡୁଆ, ମହିଳା ନେତ୍ରୀ ତିଳୋତ୍ତମା ନାଏକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରୁକ୍ଷିମଣି ମାଝି, ଉଚ୍ଚ ବିଦ୍ୟାଳୟ ଉପାଧ୍ୟକ୍ଷ ଜୟ ପାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ସାହୁ ବିଦ୍ୟାଳୟ ବିବରଣୀ ପଠନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଖେଳ ଶିକ୍ଷକ ଅମୂଲ୍ୟ ନାଏକ ଓ ସହ ଶିକ୍ଷକ ପ୍ରଣବ କୁମାର ଭାବରେ ମଞ୍ଚ ପରିଚାଳନା କରିଥିଲେ।

# ଆର୍‌ଡି ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ଦାବି

**ନୂଆପଡ଼ା,୨୩।୧ (ମକାରୁ ବେମାଲ)**


ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ନୂଆପଡ଼ା ନିର୍ବାଚନ ମଣ୍ଡଳୀ ଭିତରେ ରହିଥିବା କେତେକ ଆର୍‌ଡି ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରି ପକ୍କା, ପ୍ରଶସ୍ତ କରିବା ପାଇଁ ଦାବି ହୋଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କୁ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ଗୁରୁବାର ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ସେ ଏଥିରେ ଦର୍ଶାଇଛନ୍ତି, ନୂଆପଡ଼ା ନିର୍ବାଚନ ମଣ୍ଡଳୀରେ ଅନେକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ରହିଛି, ଯାହା ପଡ଼ୋଶୀ ରାଜ୍ୟ ଛତିଶଗଡ ଓ ବଲାଙ୍ଗୀର, ବରଗଡ ଜିଲାକୁ ସଂଯୋଗ କରୁଛି । ସେସବୁ ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରି ଉନ୍ନତୀକରଣ କରାଯାଉ। ସେହିପରି ଲଖନାଠାରୁ ଠିକପାଲି, କାଣ୍ଡେତରାରୁ ତରବୋଡ, ଲଖନାରୁ ବରଗଡ ଜିଲା ଭାୟା ବଣକି ମହୁଲ, ଲଖନାରୁ ସରେଇବାହାଲ ବଲାଙ୍ଗିର ଜିଲା ସୀମା, ସାରାବଙ୍ଗରୁ ଧରମବନ୍ଧା ଭାୟା ଆମାନାରା, ସାରାବଙ୍ଗରୁ କେନ୍ଦୁବାହାରା ଭାୟା ଫରଫୌଦ ଛତିଶଗଡ ସୀମା ରାସ୍ତାକୁ ନିର୍ମାଣ କରାଯାଉ ବୋଲି ଦାବି ଉପସ୍ଥାପନ କରିଛନ୍ତି। ଏହାବ୍ୟତୀତ ପୂର୍ତ୍ତ ବିଭାଗ ପକ୍ଷରୁ ଏକ ୧୨ସୁଟ୍ ବିଶିଷ୍ଟ ଅତିଥି ବିଶ୍ରାମଗୃହ ମଞ୍ଜୁର କରିବା ପାଇଁ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରି ନିଶ୍ଚିତ ଭାବରେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ହରିଚନ୍ଦନ ପ୍ରତିଶ୍ରୁତି ଦେଇଥିବା ପାଣିଗ୍ରାହୀ କହିଛନ୍ତି ।

## ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମର ୧୦ବର୍ଷ ପୂର୍ତ୍ତି ଉତ୍ସବ

**ଖଡ଼ିଆଳ,୨୩।୧ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ଡିଗ୍ରୀ ମହିଳା କଲେଜର ଇତିହାସ ବିଭାଗ ଛାତ୍ରୀଙ୍କୁ ନେଇ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମର ୧୦ ବର୍ଷ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାଷଣ ପ୍ରସଙ୍ଗରେ କଲେଜ ଅଧ୍ୟକ୍ଷା ଲିଜା ଆଚାର୍ଯ୍ୟ କହିଥିଲେ, ମହିଳାଙ୍କ ସ୍ୱାଧୀନତା ଓ ଶିକ୍ଷାରେ ଅଗ୍ରାଧିକାର ଦ୍ୱାରା ହିଁ ସମାଜ ସଂସ୍କାରିତ ହୋଇଚାଲିଛି। ଅପରପକ୍ଷେ ଜାନୁଆରୀ ୨୦୧୫ରେ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିବା ବେଳେ ଚଳିତବର୍ଷ ୧୦ବର୍ଷ ପୂରିଛି। ଖଡ଼ିଆଳ ଡିଗ୍ରୀ ମହିଳା ମହାବିଦ୍ୟାଳୟ ମଧ୍ୟ ୧୦ବର୍ଷ ଅତିକ୍ରମ କରିଛି। ୪୩ଜଣ ଛାତ୍ରୀଙ୍କୁ ନେଇ ମହିଳା ଉଚ୍ଚଶିକ୍ଷା ଆରମ୍ଭ କରିଥିବା ଅନୁଷ୍ଠାନ ୧୦ବର୍ଷ ମଧ୍ୟରେ ୩୨୧ ଛାତ୍ରୀଙ୍କୁ ଶିକ୍ଷାଦାନ କରି ଆସୁଛି। ପରିଚାଳନା କମିଟି କର୍ମକର୍ତ୍ତା, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କ ସହଯୋଗରେ ଏହି ଅନୁଷ୍ଠାନ ଉନ୍ନତି ପଥରେ ଅଗ୍ରସର ହେଉଛି ବୋଲି ଅଧ୍ୟକ୍ଷା ଆଚାର୍ଯ୍ୟ ପ୍ରକାଶ କରିଥିଲେ।

## ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ


ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ତୁଣ୍ଡଲା,୨୩।୧ (ଫିରୋଜ କୁମାର ଦାଶ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ବେଲଖଣ୍ଡି ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୬ତମ ବାର୍ଷିକ ଉତ୍ସବ ଅଧ୍ୟକ୍ଷ ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ନର୍ଲା ବ୍ଲକ୍ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି ମୁଖ୍ୟ ଅତିଥି ଓ ସର୍ଯାପାଲି ସରପଞ୍ଚ ପ୍ରମୋଦ ଦାଶ, ବେଲଖଣ୍ଡି ଯୁକ୍ତ ୩ ମହାବିଦ୍ୟାଳୟର ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷକ ମାକଲିଙ୍ଗ ଗହୀର, ସରୋଜ ବିଶି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଇଂରାଜୀ ଅଧ୍ୟାପକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ର ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ନେତାଜୀ ସୁଭାଷ ବୋଷ, ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ


ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ଖଡ଼ିଆଳ,୨୩।୧ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଗୌରାଙ୍ଗ କୁମାର ସାହୁ, ପ୍ରଭୁଦତ୍ତ ପୁରୋହିତ, ରତନ ସିଂ ବାରିକ, ରାଜଶ୍ରୀ ଦଣ୍ଡସେନା, ସାଗର ବାଗ ପ୍ରମୁଖ ୨ ମହାପୁରୁଷଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଶିକ୍ଷକ ଧନଞ୍ଜୟ ମଲ୍ଲିକ ମଞ୍ଚ ପରିଚାଳନା କରିଥିବାବେଳେ ସଂସ୍କୃତ ଶିକ୍ଷକ ନିରଞ୍ଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବରିଷ୍ଠ ଓ କନିଷ୍ଠ ବର୍ଗର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ଓ ଦେଶାତ୍ମବୋଧକ ଗୀତ ପ୍ରତିଯୋଗିତା ହୋଇଥିଲା। ବିଚାରକ ଭାବରେ ଶିକ୍ଷକ ହେମସାଗର ଶବର, ନୀଳିମାରାଣୀ ସାଗର, ପୁନମ ମାଝୀ ଓ ସରସ୍ୱତୀ ରାଉତ ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମରେ ଦୀପକ ରଞ୍ଜନ ଜୋଷୀ, ସୁରେଶ ଦାସ, ଦମୟନ୍ତୀ ବିଶି ସହଯୋଗ କରିଥିଲେ। ସେହିପରି ଖଡ଼ିଆଳ ଆଜାଦ ଛକଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାପଣ କରାଯାଇଥିଲା।

## ଭିନ୍ନକ୍ଷମ ଶିଶୁଙ୍କ ସହ ଜନ୍ମଦିନ ପାଳନ

**ଟିଟିଲାଗଡ଼,୨୩।୧(ଶରତ ମିଶ୍ର):** ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରର ନୀଳଚକ୍ର ନଗର ନିବାସୀ ସିଆରପିଏଫ ଯବାନ ସୁମୀର ଦାଶ ନିଜ ପୁଅ ଆର୍ୟନଙ୍କ ୭ମ ଜନ୍ମଦିନ ସ୍ଥାନୀୟ ଏସସିଡ଼ି ଭିନ୍ନକ୍ଷମ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଗହଣରେ ପାଳନ କରିଛନ୍ତି । ଭିନ୍ନକ୍ଷମ ଶିଶୁଙ୍କ ସହ ଆର୍ୟନ କେକ୍ କାଟିବା ସହ ସମସ୍ତଙ୍କୁ ଖୁଆଇଥିଲେ । ଭିନ୍ନକ୍ଷମ ଶିଶୁଙ୍କ ମୁହଁରେ ହସ ଫୁଟାଇବା ସମାଜ ପାଇଁ ଏକ ବାର୍ତ୍ତା ହୋଇଥିବାରୁ ସାଧାରଣରେ ଏଭଳି ଉଦ୍ୟମକୁ ପ୍ରଶଂସା କରାଯାଇଛି। ଯବାନଙ୍କ ପରିବାର ପକ୍ଷରୁ ଶଙ୍କର ଦାଶ, କାଉନସିଲର ସୁନିତା ଦାଶ, ପମ୍ପା ଦାଶ, ଭିନ୍ନକ୍ଷମ ବିଦ୍ୟାଳୟର ହଷ୍ଟେଲ ସୁପରିଟେଣ୍ଡେଣ୍ଟ ଦିଲୀପ ମହାନ୍ତି, ବିଦ୍ୟାଳୟର ରୁକସାନ ହରପାଲ, ଖେଳ ଶିକ୍ଷକ ବାପି ଦଳବେହେରା ଉପସ୍ଥିତ ଥିଲେ।

## ମର୍ନିଂ କପ୍ କ୍ରିକେଟ ଉଦ୍‌ଘାଟିତ


ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ।

**ନୂଆପଡ଼ା,୨୩।୧(ମକାରୁ ବେମାଲ)**

ନୂଆପଡ଼ା ସଦର ମହକୁମାସ୍ଥିତ ଶିବଶକ୍ତି ନଗର ଖେଳପଡିଆରେ ଗୁରୁବାର ୧୧ତମ ମର୍ନିଂ କପ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ଦିଆମୁଣ୍ଡା ଓ ମହୁଲଭଟା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦିଆମୁଣ୍ଡା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୩ ଉଇକେଟ ହରାଇ ୧୧୪ ରନ ସଂଗ୍ରହ କରିଥିଲା। ଜବାବରେ ମହୁଲଭଟା ଦଳ ସମାନ ଓଭରରେ ସମସ୍ତ ଉଇକେଟ ହରାଇ ୬୦ ରନ କରି ମ୍ୟାଚ ହାରିଯାଇଥିଲା। ଅନୁଷ୍ଠାନ ସଭାପତି ତ୍ରିନାଥ ଜାଲଙ୍କ ଅଧ୍ୟକ୍ଷତାରେ ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା ମୁଖ୍ୟଅତିଥି ଓ ଜୟ ନାରାୟଣ ଘୋଷ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ତ୍ରିଲୋଚନ ମାଝି ଓ ଯୋଗେଶ ଦୀପ ଖେଳ ପରିଚାଳନା କରିଥିଲେ।

## ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ

**ଭବାନୀପାଟଣା,୨୩।୧(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ଭବାନୀପାଟଣା ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଗୁରୁବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଜିଲାପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଦିଲୀପ କୁମାର ମହାରଣା, ଡେପୁଟି କଲେକ୍ଟର ପବିତ୍ର କୁମାର ସାମଲ, ଉପନିର୍ଦ୍ଦେଶକ ପ୍ଲାନିଂ ଶ୍ରୀକାନ୍ତ ଦଳାଇ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂହ ରାଉତ, ଭବାନୀପାଟଣା ପୌରପାଳିକା ନିର୍ବାହୀ ଅଧିକାରୀ ସତ୍ୟ ସମ୍ପର୍ଣ୍ଣା ରାଉତ, ସହକାରୀ ଜିଲାପାଳ ଶରତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ନେତାଜୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିବା ପରେ ତାଙ୍କର ଆଦର୍ଶ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନିଆଲ ପରିଚାଳନା କରିଥିଲେ ।


ଅତିଥିମାନେ ନେତାଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରଛନ୍ତି।

# ବେପରୁଆ ଗାଡ଼ି ଚାଳନାରୁ ବଢୁଛି ଦୁର୍ଘଟଣା

**ନୂଆପଡ଼ା,୨୩।୧ (ମକାରୁ ବେମାଲ)**


ଟ୍ରାଫିକ୍ ବିହୀନ ନୂଆପଡ଼ା ସହର ରାସ୍ତା ଦୃଶ୍ୟ।

**ନୂଆପଡ଼ା ଜିଲାରେ ନାହିଁ ଟ୍ରାଫିକ୍ ପୋଷ୍ଟ**

ନୂଆପଡ଼ା ଜିଲା ମୁଖ୍ୟାଳୟ ସମେତ ଜିଲାର ପ୍ରମୁଖ ସହରରେ ଟ୍ରାଫିକ୍ ପୋଷ୍ଟ ନାହିଁ। ଫଳରେ ବେପରୁଆ ଗାଡ଼ି ଚାଳନାରୁ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୨୪ରେ ସଡ଼କ ଦୁର୍ଘଟଣାରେ ୧୩୦ ଦୁର୍ଘଟଣା ହୋଇଥିବା ବେଳେ ୧୦୫ ଜଣଙ୍କ ମୃତ୍ୟୁ ହୋଇଛି। ୧୩୦ ଦୁର୍ଘଟଣା ମଧ୍ୟରୁ ୩୫୩ ନମ୍ବର ଜାତୀୟ ରାଜପଥରେ ୪୮, ବିଜୁ ଏକ୍ସପ୍ରେସ୍ ୱେରେ ୩୬ ଓ ଗ୍ରାମାଞ୍ଚଳ ରାସ୍ତାରେ ୪୬ ଦୁର୍ଘଟଣା ହୋଇଛି । ଏହିସବୁ ଦୁର୍ଘଟଣାରେ ୬୫ ଜଣ ଅତି ଗୁରୁତର ହୋଇଥିବା ବେଳେ ୫୮ ଜଣ ଗୁରୁତର ହୋଇଥିଲେ। ସେହିପରି ୨୦୨୦ରେ ୧୩୬ ଦୁର୍ଘଟଣାରୁ ୭୬, ୨୦୨୧ରେ ୧୬୪ ଦୁର୍ଘଟଣାରୁ ୯୮, ୨୦୨୨ରେ ୧୪୫ ଦୁର୍ଘଟଣାରେ ୯୦ ଓ ୨୦୨୩ରେ ୧୬୨ ଦୁର୍ଘଟଣାରେ ୧୦୯ଜଣଙ୍କ ମୃତ୍ୟୁ ଘଟିଥିଲା। ୩୫୩ ନମ୍ବର ଜାତୀୟ ରାଜପଥ ଗୋପାଳପୁର ବନ୍ଦରଠାରୁ ନୂଆପଡ଼ା ଦେଇ ଛତିଶଗଡକୁ ସଂଯୋଗ କରିଛି। ବିଜୁ ଏକ୍ସପ୍ରେସ୍ ୱେ ରାଉରକେଲାଠାରୁ ନୂଆପଡ଼ା ଦେଇ ଚାନ୍ଦିଲି କୋରାପୁଟକୁ ସଂଯୋଗ କରିଛି। ଏହି ରାସ୍ତାରେ ପ୍ରତିଦିନ ଅନେକ ହଜାର ଭାରିଯାନ ଚଳାଚଳ କରୁଛି। ଏହାସାଙ୍ଗକୁ ଏକ୍ସପ୍ରେସ୍ ବସ୍, ଘରୋଇ ବସ୍ ଓ ଚାରିଚକିଆ ଯାନ ସହ ବାଇକ୍ ଯାତାୟାତ କରୁଛି । ନୂଆପଡ଼ା ଜିଲା ସଦର ମହକୁମା ହୋଇଥିବାରୁ ଏଠାକୁ ଜିଲାର ୫ ବ୍ଲକ୍ ଓ ୩ ଏନ୍‌ଏସିର ଲୋକେ ବିଭିନ୍ନ କାମ ପାଇଁ ଆସିଥାନ୍ତି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନୂଆପଡ଼ା ଜିଲା ସମେତ ବରଗଡ଼, ବଲାଙ୍ଗୀର, କଳାହାଣ୍ଡି ଜିଲା ସହ ପଡ଼ୋଶୀ ଛତିଶଗଡ଼ର ଲୋକେ ନିର୍ଭର କରୁଥିବାରୁ ସବୁବେଳେ ଜନଗହଳି ଲାଗିରହିଛି। ହେଲେ ଟ୍ରାଫିକ୍ ପୋଷ୍ଟ ନ ଥିବାରୁ ବେପରୁଆ ଗାଡ଼ି ଚାଳନା ଦୁର୍ଘଟଣାର କାରଣ ସାଜୁଛି। ବାଣିଜ୍ୟିକ କେନ୍ଦ୍ର ଭାବରେ ପରିଚିତ ଖରିଆର ରୋଡ୍ ସହରରେ ମଧ୍ୟ ଟ୍ରାଫିକ୍ ପୋଷ୍ଟ ନାହିଁ। ଏଠାକୁ ନୂଆପଡ଼ା, ବରଗଡ, ବଲାଙ୍ଗୀର ଜିଲା ସମେତ ଛତିଶଗଡ଼ର ଲୋକେ ଆସୁଥିବାବେଳେ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ଛୋଟବଡ ୩୦ରୁ ଊର୍ଦ୍ଧ୍ୱ ଓ ବିଜୁ ଏକ୍ସପ୍ରେସ୍ ୱେରେ ଅନେକ ବସ୍‌ଷ୍ଟାଣ୍ଡ ରହିଛି। ହେଲେ କୌଣସି ସ୍ଥାନରେ ପୋଲିସର ନିୟନ୍ତ୍ରଣ ନାହିଁ । ଫଳରେ ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ହାନି ହେଉଛି । ଜିଲା ପ୍ରଶାସନ ତୁରନ୍ତ ଟ୍ରାଫିକ୍ ବ୍ୟବସ୍ଥା ସହ ଯାନ ଚଳାଚଳ ନିୟନ୍ତ୍ରଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏ ସଂକ୍ରାନ୍ତରେ ଜିଲାପାଳ ମଧୁସୂଦନ ଦାସଙ୍କୁ ପଚାରିବାରୁ ଟ୍ରାଫିକ୍ ନିୟନ୍ତ୍ରଣ ନ ଥିବାରୁ ସହରମାନଙ୍କରେ ଦ୍ରୁତ ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣା ବୃଦ୍ଧି ପାଉଛି। ଖୁବ୍‌ଶୀଘ୍ର ଜନଗହଳି ପୂର୍ଣ୍ଣ ସ୍ଥାନରେ ଟ୍ରାଫିକ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ଧାରଣାରେ ବସିଲା କୋଶଳ ଛାତ୍ର ସଂଘ

**ବରଗଡ଼,୨୩।୧(ପ୍ରେମାନନ୍ଦ ଖମାରୀ)**



ବାଉଲସିଂହା ଇଥାନଲ ପ୍ଲାଣ୍ଟ ଆଗରେ ଚାଲିଥିବା ଆନ୍ଦୋଳନ।

**ଇଥାନଲ ପ୍ଲାଣ୍ଟରେ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା**

**ଆନ୍ଦୋଳନ ପାଇଁ ବିରୋଧୀଙ୍କ ସଜବାଜ**

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ବାଉଲସିଂହାଠାରେ ନିର୍ମାଣାଧୀନ ଇଥାନଲ ପ୍ଲାଣ୍ଟରେ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଆନ୍ଦୋଳନ ତେଜି ଉଠିଛି। ଗୁରୁବାର ସ୍ଥାନୀୟ କୋଶଳ ଛାତ୍ର ୟୁନିୟନ ଉକ୍ତ ପ୍ଲାଣ୍ଟରେ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖାର ଦୃଢ଼ ପ୍ରତିବାଦ କରିଥିଲା। କୋଶଲ ଛାତ୍ର ୟୁନିୟନର ପ୍ରତିନିଧିମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ପ୍ଲାଣ୍ଟର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ସ୍ଥାନୀୟ ଶ୍ରମିକମାନେ ମଧ୍ୟ ସେଥିରେ ସାମିଲ ହୋଇଥିଲେ। ଆନ୍ଦୋଳନ ଯୋଗୁ ଉକ୍ତ ପ୍ଲାଣ୍ଟରେ ସକାଳ ୮ଟାରୁ ପୂର୍ବାହ୍ନ ୧୦ଟା ଯାଏ ଦୀର୍ଘ ୨ଘଣ୍ଟା ଧରି ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। ଏହି ସମୟ ଅବଧିରେ ପ୍ଲାଣ୍ଟରେ ଅଶାନ୍ତ ପରିବେଶ ସୃଷ୍ଟି ହୋଇଥିଲା। ପରେ ପ୍ଲାଣ୍ଟ କର୍ତ୍ତୃପକ୍ଷ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ସେମାନଙ୍କ ଦାବି ଉପରେ ବିହିତ ପଦକ୍ଷେପ ନିଆଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ପ୍ଲାଣ୍ଟରେ କାର୍ଯ୍ୟ ସ୍ୱାଭାବିକଭାବେ ଚାଲିଥିଲା। ଅନ୍ୟପଟେ ସ୍ଥାନୀୟ ନିଯୁକ୍ତି ନେଇ ଉକ୍ତ ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କ ଅଣଦେଖା ମନୋଭାବ ଯୋଗୁ ଜିଲାର ଅନେକ ସାମାଜିକ ଅନୁଷ୍ଠାନ ଏବଂ ବିଭିନ୍ନ ରାଜନୈତିକ ଦଳ ଆନ୍ଦୋଳନକୁ ଓହ୍ଲାଇବାକୁ ସଜବାଜ ହେଉଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ବରଗଡ଼ ଜିଲାରେ ଏକ ଇଥାନଲ ପ୍ଲାଣ୍ଟ ହେବା ନେଇ ଗତ ୨୦୧୯ ସାଧାରଣ ନିର୍ବାଚନ ପରେ ତତ୍କାଳୀନ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଥିଲେ। ତାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟ ଉତ୍ସାହିତ ଥିଲେ। ସ୍ଥାନୀୟ ଲୋକେ ନିଯୁକ୍ତି ପାଇବା ସହିତ ଜିଲାର ଚାଷୀମାନେ ପ୍ଲାଣ୍ଟକୁ ଧାନ ଫସଲର ନଡ଼ା ପ୍ରଦାନ କରି ଲାଭାନ୍ୱିତ ହେବେ ବୋଲି ଆଶା କରାଯାଉଥିଲା। ୨୦୨୨ରୁ ଭାରତୀୟ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍(ବିପିସିଏଲ) ପକ୍ଷରୁ ବାଉଲସିଂହାଠାରେ ଉକ୍ତ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ଚାଲିଛି। ଆଉ କିଛିମାସ ପରେ ଏହାର ଶୁଭାରମ୍ଭ ହେବ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ରାଜଅତିଥିଭାବେ ଯୋଗଦେବା ପରେ ଏହି ସୂଚନା ଦେଇ ସାରିଛନ୍ତି। ବରଗଡ଼ରେ ଉକ୍ତ ଇଥାନଲ ପ୍ଲାଣ୍ଟ ରହିଥିବାବେଳେ ଏହି ପ୍ଲାଣ୍ଟର ବିଭିନ୍ନ ପଦବୀ ପାଇଁ ଗତ କିଛିଦିନ ତଳେ ଝାଡ଼ଖଣ୍ଡ ରାଜ୍ୟରେ ନିଯୁକ୍ତି ପ୍ରକ୍ରିୟା ହୋଇଥିଲା। ଏହି ସୂଚନା ପାଇବା ପରେ ଜିଲାରେ ଅସନ୍ତୋଷ ବଢ଼ି ଚାଲିଛି। ଏହି ସୂଚନା ପାଇ ପ୍ଲାଣ୍ଟ ପକ୍ଷରୁ ହାତଗଣତି କିଛି ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାକୁ ନେଇ ଆନ୍ଦୋଳନର ଦାନା ବାନ୍ଧି ବସିଛି। ବୁଧବାର ଏହି କ୍ରମରେ କୋଶଳ ଛାତ୍ର ୟୁନିୟନ ନେତୃତ୍ୱରେ ଶତାଧିକ ତାଲିମପ୍ରାପ୍ତ ଯୁବକ ଜିଲାପାଳଙ୍କୁ ଫେରାଦ ହୋଇ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅନୁରୂପଭାବେ ଆମ ଆଦମୀ ପାର୍ଟି ମଧ୍ୟ ପ୍ଲାଣ୍ଟର ନିଯୁକ୍ତି ପ୍ରକ୍ରିୟାକୁ ସନ୍ଦେହ କରି ଏଥିରେ ସିଧାସଳଖ ଭାଜପା ନେତୃତ୍ୱାଧୀନ ରାଜ୍ୟ, କେନ୍ଦ୍ର ସରକାରଙ୍କୁ ଦାୟୀ କରିଥିଲା।

ଅନ୍ୟପଟେ ଗୁରୁବାର କୋଶଳ ଛାତ୍ର ୟୁନିୟନ ନେତୃତ୍ୱରେ ପ୍ଲାଣ୍ଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ଲାଣ୍ଟରେ କାର୍ଯ୍ୟରତ ଶ୍ରମିକ ଏବଂ ବିଭିନ୍ନ ପଦବୀ ପାଇଁ ପ୍ଲାଣ୍ଟ କର୍ତ୍ତୃପକ୍ଷ ପ୍ରମାଣପତ୍ର(ଏକ୍ସପେରିଏନ୍ସ ସାର୍ଟିଫିକେଟ୍)କୁ ବାଧ୍ୟତାମୂଳକ କରିଥିବା ଯୋଗୁ ୟୁନିୟନ ତାକୁ ଦୃଢ଼ ବିରୋଧ କରିଥିଲା। ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ସହିତ ସେଥିରେ ସ୍ଥାନୀୟ ନିଯୁକ୍ତିକୁ ପ୍ରାଥମିକତା ଦେବାକୁ ୟୁନିୟନ ଦାବି କରିଥିଲା ପ୍ଲାଣ୍ଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ସେ ନେଇ ନିର୍ଭର ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ହଟିଥିଲା। ଅନ୍ୟପଟେ ନିଯୁକ୍ତି ପ୍ରକ୍ରିୟାରେ ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କ ଭୂମିକାକୁ ନେଇ ବରଗଡ଼ର ରାଜନୈତିକ ଦଳ ଗୁଡ଼ିକ ମଧ୍ୟ ଅସନ୍ତୋଷ ପ୍ରକାଶ କରି ଆନ୍ଦୋଳନ ପାଇଁ ପ୍ରସ୍ତୁତି ଚଳାଉଥିବା ସୂଚନା ମିଳିଛି।

# କୁମେଲସିଂହା ନାରାୟଣୀ ମନ୍ଦିର ପ୍ରତିଷ୍ଠା ପାଇଁ ସହାୟତା



ନାରାୟଣୀ ମନ୍ଦିର ପ୍ରତିଷ୍ଠାରେ ମହେଶ୍ୱରୀ ନର୍ସିଂ କଲେଜ ଚେୟାରମ୍ୟାନଙ୍କ ଉଦ୍‌ବୋଧନ।

**ସରଣ୍ଡା,୨୩।୧(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ କୁମେଲସିଂହାଠାରେ ନାରାୟଣୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଏହି ଅବସରରେ ବରଗଡ଼ ମାହେଶ୍ୱରୀ ନର୍ସିଂ କଲେଜର ଚେୟାରମ୍ୟାନ ତଥା ସାମାଜିକ କର୍ମୀ ଫକୀର କର୍ଣ୍ଣ ମନ୍ଦିର ପ୍ରତିଷ୍ଠା ପାଇଁ ଦେଢ଼ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ମନ୍ଦିର ପ୍ରତିଷ୍ଠା ମହୋତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୧୫ ତାରିଖରୁ ମନ୍ଦିର ପ୍ରତିଷ୍ଠା ଶୁଭାରମ୍ଭ ହୋଇ ୨୧ ଯାଏ ଚାଲିଥିଲା। ଏହି ସମୟ ମଧ୍ୟରେ ରାବଣରାଜ, ପାଲା, ଭଜନ କୀର୍ତ୍ତନ ମଧ୍ୟରେ ଗ୍ରାମ ଗୁଞ୍ଜି ଉଠିଥିଲା। ମନ୍ଦିର ପ୍ରତିଷ୍ଠା ଏବଂ ପରବର୍ତ୍ତୀ କାର୍ଯ୍ୟକ୍ରମ ପାଇଁ ବରଗଡ଼ ଓ ସୁନ୍ଦରଗଡ଼ର ଅଗ୍ରଣୀ ଅନୁଷ୍ଠାନ ମହେଶ୍ୱରୀ ନର୍ସିଂ କଲେଜ ପକ୍ଷରୁ ଚେୟାରମ୍ୟାନ ଫକୀର କର୍ଣ୍ଣ ଓ ପରିଚାଳନା ନିର୍ଦ୍ଦେଶିକା ସନ୍ତୋଷିନୀ କର୍ଣ୍ଣ ପ୍ରତିଷ୍ଠା ମହୋତ୍ସବରେ ଅତିଥିଭାବେ ଯୋଗଦେଇ ଦେଢ଼ ଲକ୍ଷ ଟଙ୍କାର ଅନୁଦାନ ନଗଦ ପ୍ରଦାନ କରିଥିଲେ। ଏଥିରେ ମନ୍ଦିର ପରିଚାଳନା କମିଟି ତଥା ଗ୍ରାମବାସୀ ଉଭୟ ଦାତାଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଏହି ମହୋତ୍ସବ ଦେଖିବା ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା।

# ନେତାଜୀ, ସୁରେନ୍ଦ୍ର ସାଏଙ୍କ ଜୟନ୍ତୀରେ ୨୬ ୟୁନିଟ୍ ରକ୍ତ ସଂଗ୍ରହ

**ପଦ୍ମପୁର,୨୩।୧(ପ୍ରଦୀପ୍ତ ଦାଶ):** ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଦହିତା ନେତାଜୀ କ୍ଲବ୍‌ରେ ଚଳିତ ବର୍ଷ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କ୍ଲବ ପରିସରରେ ଆୟୋଜିତ ଉତ୍ସବରେ ସଭାପତି ସରୋଜ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟ ମକରଧ୍ୱଜ ବଜାର, ପୂର୍ବତନ ସଭାପତି ଦାଶରଥି ହୋତା, ସମ୍ପାଦକ ଅନନ୍ତ ପାଣିଗ୍ରାହୀ, କ୍ଲବ୍‌ର ସମସ୍ତ କର୍ମକର୍ତ୍ତା ଏବଂ ସଦସ୍ୟଗଣ ଉପସ୍ଥିତ ରହି ଉଭୟ ବରପୁତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏ ଅବସରରେ ତ୍ରିଲୋଚନ ନେତ୍ରାଳୟ ସମ୍ବଲପୁରଙ୍କ ସହଯୋଗରେ ମାଗଣା ୧୨୮ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୨୦ ଜଣଙ୍କୁ ଅପରେସନ ପାଇଁ ଚିହ୍ନଟ କରାଯାଇଛି। ସେହିପରି ଓଡ଼ିଶା ମୋଟର ଚାଳକ ସଂଘ ପଦ୍ମପୁର ଶାଖା ଦ୍ୱାରା ନେତାଜୀ,ସୁରେନ୍ଦ୍ର ସାଏ ଜୟନ୍ତୀରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୨୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଉପ ଜିଲାପାଳ ସ୍ନେହା ଆରଗୁଲ, ବରଗଡ ଆଞ୍ଚଳିକ ସଡ଼କ ପରିବହନ ଅଧିକାରୀ ସାବୁଆ ମାଝୀ, ପଦ୍ମପୁର ଆଦର୍ଶ ଥାନା ଅଧିକାରୀ ମମତା ନାଏକ, ଟେକ୍ସି ଅଟୋ ଡ୍ରାଇଭର ସଂଘର ଉପଦେଷ୍ଟା ଅଜିତ ଶତପଥୀ, ଆଶା ସକ୍ରାରର ସଭାପତି ତଥା ସାମାଜିକ କର୍ମୀ ନିରୋଜ ଦୋରା ଅତିଥି ଭାବରେ ଯୋଗଦାନ କରିଥିଲେ। ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ।



ଜାତୀୟ ଶିକ୍ଷାନୀତିରେ ଅଭିନବ କାର୍ଯ୍ୟକ୍ରମ।

# ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବାର୍ଷିକ କ୍ରୀଡ଼ା

**ପାଇକମାଳ,୨୩।୧(ବଢ଼ ଶତପଥି)**

ପାଇକମାଳ ବ୍ଲକ ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବଡ଼ ଖେଳପଡିଆରେ ବାର୍ଷିକ କ୍ରିଡ଼ା ଗୁରୁବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ପଦ୍ମପୁର ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ଯୋଗଦେଇ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରି ଖେଳ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବରେ ଶିକ୍ଷା କେନ୍ଦ୍ରର ସମ୍ପାଦକ ମହେନ୍ଦ୍ର କୁମାର ଖୁଣ୍ଟିଆ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ଖେଳ ଖେଳାଯାଇଥିଲା। ଖେଳ ଶିକ୍ଷକ ଉତ୍ତମ ରଣା, ମଦନ ଧରୁଆ ଓ ଥବିର ରଣା ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଶିକ୍ଷା କେନ୍ଦ୍ରର ସଭାପତି ଗୋକୁଳାନନ୍ଦ ଡନସନା ଓ ସମ୍ମାନିତ ଅତିଥି ଭାବରେ ଅଧକ୍ଷ ଗଙ୍ଗାଧର, ଶିକ୍ଷକ ସୁଧୀର ଚନ୍ଦ୍ର ଅମାତ, ମନୋଜ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉପାଧକ୍ଷ ମଳୟ କୁମାର ହଂସ, ଶିକ୍ଷାକେନ୍ଦ୍ର ପରିଚାଳନା କମିଟି ସଭ୍ୟ ତପନ କୁମାର ବହିଦାର, ଦେବେନ୍ଦ୍ର ସାହୁ, ରୁଦ୍ରମଣୀ ବେହେରା ଉପସ୍ଥିତ ଥିଲେ। କୃତୀ ପ୍ରତୀଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅନିରୁଦ୍ଧ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷାକେନ୍ଦ୍ରର ହରିପ୍ରିୟା ସାହୁ, ତପସିନୀ ଭୋଇ, ଟିକେଶ୍ୱରୀ ବିଶ୍ୱାଳ, କରୁଣାକର ପ୍ରଧାନ, ଜଗନ୍ନାଥ ରଣା, ଯୋଗେଶ ନାୟକ, ବବିତା ପ୍ରଧାନ, ଗିରିଶ ଚନ୍ଦ୍ର ମାଝୀ, ମଦନ ଧରୁଆ, ଦେବାସନ ମାଝୀ, ଉତ୍ତମ ରଣା, ମିନାରାଣୀ ଖୁଣ୍ଟିଆ, ସୈଲେନ୍ଦ୍ରୀ ମାଝୀଙ୍କ ସମେତ ସ୍କୁଲ ପରିଚାଳନା କମିଟି ସଭ୍ୟମାନେ ସହଯୋଗ କରିଥିଲେ।

# ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଜଳସେଚନ ପ୍ରକଳ୍ପ ପରିଦର୍ଶନ

**ବରଗଡ଼,୨୩।୧(ପ୍ରେମାନନ୍ଦ ଖମାରୀ)**

ରାଜ୍ୟ ଉନ୍ନୟନ କମିଶନର ତଥା ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗୁରୁବାର ବରଗଡ଼ ଜିଲାର ଗଙ୍ଗାଧର ମେହେର ଉଠାଜଳସେଚନ ପ୍ରକଳ୍ପର ଅତିରିକ୍ତ ଆୟକଟ୍ ଅଞ୍ଚଳକୁ ଜଳସେଚନ ଯୋଗାଉଥିବା ପମ୍ପ ହାଉସ୍ ପରିଦର୍ଶନ କରିଥିଲେ। ସେ ଅଞ୍ଚଳର ପାଣି ପଞ୍ଚାୟତ କର୍ମକର୍ତ୍ତା ଏବଂ ମହିଳା କର୍ମକର୍ତ୍ତାଙ୍କ ସହିତ ପାଣି ପଞ୍ଚାୟତ ପରିଚାଳନା ସମ୍ପର୍କରେ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ। ଉକ୍ତ ପ୍ରକଳ୍ପ ଅଧିନରେ ରହିଥିବା ଡୁମେରପାଣି ଏବଂ ସରଣ୍ଡାପାଲିଠାରେ ଯଥାକ୍ରମେ ୨୦ହେକ୍ଟର ଏବଂ ୨ହେକ୍ଟର ଚକଜମିକୁ ସୁବିଧାରେ ପାଣି ମାଡ଼ିବା ନେଇ ଫ୍ଲସିଂ ଆଉଟ୍ କାର୍ଯ୍ୟ ପରିଦର୍ଶନ କରଥିଲେ। ଏହି ପ୍ରକଳ୍ପରେ ଆଗାମୀ ଖରିଫ ଋତୁରେ ଆୟକଟ୍‌ର ସମୁଦାୟ ୫୭୫୦ ହେକ୍ଟର ଜମିକୁ ଜଳସେଚନ କରାଯିବ। ଏହି ଜଳ ପରିଚାଳନା ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ନିୟନ୍ତ୍ରିତ ସକ୍ଷମ ବ୍ୟବସ୍ଥା। ଚଳିତ ରବିଋତୁରେ ଏହି ଆୟକଟ୍‌ରେ ୨ହଜାର ହେକ୍ଟର ଜମିକୁ ପରୀକ୍ଷାମୂଳକ ଜଳସେଚନ ଯୋଗାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# କୃଷିକ୍ଷେତ୍ରରେ ପହ୍ଲା ରୋଇଲେ ଛାତ୍ରୀଛାତ୍ର

**ବରଗଡ଼,୨୨।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ କ୍ରୀଷ୍ଣା ବିକାଶ ଗ୍ରୁପ ଅଧୀନ ବିକାଶ ଆବାସିକ ବିଦ୍ୟାଳୟର ଦ୍ୱିତୀୟରୁ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ର ଜାତୀୟ ଶିକ୍ଷାନୀତି(ଏନଇପି)–୨୦୨୦କୁ ଅନୁଧ୍ୟାନ କରି ଗୁରୁବାର ଏକ ନିଆରା କାର୍ଯ୍ୟକ୍ରମ କରିଛନ୍ତି। ବିଦ୍ୟାଳୟର ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଚାଷୀବେଶରେ ସଜ୍ଜିତ ହୋଇ ଧାନଗଛ(ପହ୍ଲା) ରୋପଣ କରିଥିଲେ। କ୍ରୀଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଦାଶରୀ ମୂରଲୀ କ୍ରୀଷ୍ଣାଙ୍କ ମାର୍ଗଦର୍ଶନରେ ଛାତ୍ରୀଛାତ୍ର କୃଷିକ୍ଷେତ୍ରକୁ ଯାଇ କରିଥିବା ଏଭଳି ନିଆରା କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଛାତ୍ରୀଛାତ୍ର ଏହି ନିଆରା କାର୍ଯ୍ୟକ୍ରମରେ ସେମାନଙ୍କ ପ୍ରତ୍ୟକ୍ଷ ଅନୁଭୂତି ଅନୁଭବ କରିଥିଲେ। କ୍ରୀଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ କ୍ରୀଷ୍ଣା ମଧ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇ କୃଷକମାନଙ୍କ ଜୀବନ, ଜୀବିକା ଉପରେ ବଖାଣିବା ସହିତ ଦେଶର ଖାଦ୍ୟ, ପେୟ, ସଂସ୍କୃତିକୁ ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ। ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧକ୍ଷ ପ୍ରଦୀପ କୁମାର ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

# ସୈନିକ କଲ୍ୟାଣ ସଂଘର ବାର୍ଷିକ ଉତ୍ସବ



ଉତ୍ସବରେ ଉପସ୍ଥିତ ଅତିଥି।

**ପଦ୍ମପୁର,୨୩।୧ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ସୈନିକ କଲ୍ୟାଣ ସଂଘର ବାର୍ଷିକ ଉତ୍ସବ ସ୍ଥାନୀୟ ସିଦ୍ଧି ବିନାୟକ କଲ୍ୟାଣ ମଣ୍ଡପରେ ସଂଘର ସଭାପତି ରାସବିହାରୀ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସୈନିକମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପରେ ସଭାକାର୍ଯ୍ୟ ହୋଇଥିଲା। ଭିମ୍‌ସାର ସହକାରୀ ପ୍ରଫେସର ଡା. ଶଙ୍କର ରାମଚନ୍ଦାନୀ ମୁଖ୍ୟ ଅତିଥି, ସେବା ମେଡାଲ ପ୍ରାପ୍ତ କ୍ୟାପ୍‌ଟେନ ନବୀନ ପ୍ରଧାନ, ସୁବେଦାର ପ୍ରଦୀପ ବେହେରା, ସଂଘର ପ୍ରତିଷ୍ଠାତା ସଦସ୍ୟ ରାମନାରାୟଣ ପାଣିଗ୍ରାହୀ ମଞ୍ଚାସୀନ ଅତିଥି ଥିଲେ। ଭାରତମାତା, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ସୁରେନ୍ଦ୍ର ସାଏଙ୍କ ପ୍ରତିକୃତିରେ ପୁଷ୍ପ ମାଲ୍ୟ ଅର୍ପଣ ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା। ଶହୀଦ ସୈନିକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଆର୍ଯ୍ୟା ଆଦ୍ୟାଶକ୍ତି ତ୍ରିପାଠୀ ବନ୍ଦେ ମାତରଂ ଗାନ କରିଥିଲେ। ନୂତନ ଭାବରେ ସଂଘରେ ଉପସ୍ଥିତ ଥିବା ସୈନିକମାନଙ୍କୁ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା। ସଭାରେ ପ୍ରାୟ ୫୦ଜଣ ସୈନିକ ଉପସ୍ଥିତ ଥିଲେ।

# ଈଶ୍କିନ୍ଦାରେ ଗାୟତ୍ରୀ ଯଜ୍ଞ ପ୍ରସ୍ତୁତି

**ଝାରବନ୍ଧ,୨୩।୧(ଦେବେନ୍ଦ୍ର ସାହୁ):** ଝାରବନ୍ଧ ବ୍ଲକ୍ ଈଶ୍କିନ୍ଦାଠାରେ ୨୪ କୁଣ୍ଡିୟ ଗାୟତ୍ରୀ ଯଜ୍ଞ ପାଇଁ ପ୍ରସ୍ତୁତି ଜୋର୍‌ଦାର ହେଉଛି। ଗାୟତ୍ରୀ ମାତା ପୂଜନ ସହ ପ୍ରଖର ପ୍ରଜ୍ଞା,ସଜଳ ଶ୍ରଦ୍ଧା, ଗୁରୁଦେବ, ମାତାଜୀ, ଗାୟତ୍ରୀ ମାତା ୨୪ ସ୍ୱରୂପ ସହ ସପ୍ତଋଷି ମୂର୍ତ୍ତି ନିର୍ମାଣ କରାଯାଇଛି। ଆସନ୍ତା ୨୬ତାରିଖ ୨୪ଶହ କଳସ ଏକ ଆଧାତ୍ମିକ ଶୋଭାଯାତ୍ରାରେ ପୂଜା ସ୍ଥଳକୁ ଅଣାଯିବ। ପ୍ରମୋଦ ଭୋଇଙ୍କ ମାର୍ଗଦର୍ଶନରେ ବ୍ଲକ୍ ସଂଯୋଜକ ଭାଗବତିଆ ବରିହା, ଅଇତରାମ ବରିହା, ଶୁଭ୍ରା ନାୟକ, ଜିଲା ସହ ସଂଯୋଜକ ସୁମେଶ ଦେବାଙ୍ଗନ, ଈଶର ନାଏକ, କଲ୍ୟାଣୀ ସାହୁ, ମନୋରଞ୍ଜନ ବନଛୋର, ଦୁର୍ଗାପ୍ରସାଦ ଅଗ୍ରୱାଲ ଓ ଅଞ୍ଚଳବାସୀ ଅହୋରାତ୍ର ପ୍ରସ୍ତୁତି କରୁଥିବା ଜଣାଯାଏ।

# ୨୮ରେ ସଂଯୁକ୍ତ କୃଷକ ସଙ୍ଗଠନର ଆନ୍ଦୋଳନ

**ବରଗଡ଼,୨୩।୧(ପ୍ରେମାନନ୍ଦ ଖମାରୀ)**

- ବିଦ୍ୟୁତ୍ ସମସ୍ୟାକୁ ନେଇ ଉଠିଛି ତାତି
- ବକେୟା ବିଦ୍ୟୁତ ବିଲ ସମ୍ପୂର୍ଣ୍ଣ ଛାଡ଼
- ସ୍ମାର୍ଟ ମିଟର ସ୍ଥାପନ ବନ୍ଦ

ବିଦ୍ୟୁତ୍ ସମସ୍ୟାକୁ ନେଇ ବରଗଡ଼ ଜିଲା ସଂଯୁକ୍ତ କୃଷକ ସଙ୍ଗଠନ ଆନ୍ଦୋଳନମୁହାଁ ହୋଇଛି। କୃଷିକ୍ଷେତ୍ରରେ ବ୍ୟବହୃତ ବିଦ୍ୟୁତ୍ ଏବଂ ଘରୋଇ ବିଦ୍ୟୁତ୍ ବିଲ୍‌କୁ ନେଇ ସଙ୍ଗଠନ ଉଦ୍‌ବେଗ ପ୍ରକାଶ କରି ଏହାର ସମାଧାନ ପାଇଁ ବାରମ୍ବାର ସରକାର ତଥା ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଆସିଛି। କିନ୍ତୁ କିଛି ସୁଫଳ ମିଳିନାହିଁ। ସେହିପରି ବିଦ୍ୟୁତ୍ କର୍ମଚାରୀମାନେ ଚାଷୀଙ୍କ ଉପରେ ମରଣାନ୍ତକ ଆକ୍ରମଣ କରୁଛନ୍ତି ଏବଂ ଏତଲା ସତ୍ତ୍ୱେ ପୋଲିସ ଆକ୍ରମଣକାରୀଙ୍କୁ ଅନୁକମ୍ପା ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସଂଯୁକ୍ତ କୃଷକ ସଙ୍ଗଠନ ପୁଣି ତାତି ଉଠିଛି। ଘେଁସ୍ ଗୁରୁଭବନରେ ବୁଧବାର ସ୍ଥାନୀୟ ଶହୀଦ ମାଧୋସିଂ ଆଞ୍ଚଳିକ କୃଷକ ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ବୈଠକରେ ସଙ୍ଗଠନର ସଭାପତି ମୁରଲୀ ଭୋଇ ସଭାପତିତ୍ୱ କରିଥିଲେ। ଚାଷୀଙ୍କ ଉପରେ ବିଦ୍ୟୁତ୍ କର୍ମଚାରୀଙ୍କ ଆକ୍ରମଣ ଘଟଣା ଏବଂ ଏଥିରେ ପୋଲିସର କୋହଳନୀତିକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା।

ସେହିପରି ସଂଯୁକ୍ତ କୃଷକ ସଙ୍ଗଠନର ଆଇନ ପରାମର୍ଶଦାତା ଅଜିତ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ଜିଲାର ବିଭିନ୍ନ ଚାଷୀ ସଙ୍ଗଠନର ପ୍ରତିନିଧିମାନେ ଯୋଗଦାନ କରିଥିଲେ। ବୈଠକରେ କୃଷିକ୍ଷେତ୍ରରେ ଉପୁଜି ଆସୁଥିବା ବିଦ୍ୟୁତ୍ ସମସ୍ୟା ସମୂହ ଉପରେ ଆଲୋଚନା ହୋଇଥିଲା। ବକେୟା ବିଦ୍ୟୁତ୍ ବିଲ୍ ସମ୍ପୂର୍ଣ୍ଣ ଛାଡ଼, ସ୍ମାର୍ଟ ମିଟର ସ୍ଥାପନ ବନ୍ଦ କରାଯିବା, ୩୦୦ ୟୁନିଟ୍ ଯାଏ ବିଦ୍ୟୁତ୍ ବିଲ୍ ଛାଡ଼ କରାଯିବା, ହୀରାକୁଦ ପାଣି ଜଳସେଚନ ଆଧାରରେ ଚାଷକ୍ଷେତ୍ରରେ ବ୍ୟବହୃତ ବିଦ୍ୟୁତ୍ ବିଲ୍ କରାଯିବା, କମ୍ପାନୀ ହାତକୁ ଦିଆ ନ ଯାଇ ସରକାର ବିଦ୍ୟୁତ୍ ବିଭାଗ ପରିଚାଳନା କରିବା ଦାବି ହୋଇଥିଲା। ଏହି ଦାବି ନେଇ ଆସନ୍ତା ୨୮ତାରିଖରେ ଆନ୍ଦୋଳନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଚାଷୀନେତା ପ୍ରେମରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଲ୍ଡେନ ଷ୍ଟାର କ୍ରିକେଟ କପ: ପାଟନା ବିହାରକୁ ହରାଇ ସେମିରେ ପିପିଲି

**ପଦ୍ମପୁର,୨୩।୧(ପ୍ରଦୀପ୍ତ ଦାଶ)**




ମ୍ୟାନ୍ ଅଫ୍ ଦି ମ୍ୟାଚ୍‌ଙ୍କୁ ପୁରସ୍କୃତ କରାଯାଉଛି।

ପଦ୍ମପୁର ଉପଖଣ୍ଡ ଖଇରପାଲି ହାଇସ୍କୁଲ ପଡ଼ିଆଠାରେ ଜେଏସ୍‌ସିସି ଦ୍ୱାରା ଆୟୋଜିତ ୧୨ତମ ସର୍ବଭାରତୀୟ ଗୋଲ୍ଡେନ ଷ୍ଟାର କ୍ରିକେଟ କପର ଦ୍ୱିତୀୟ ଦିନ ଖେଳରେ ୪ଟି ଦଳ ଭାଗ ନେଇଥିଲେ। କ୍ୱାର୍ଟର ଫାଇନାଲ ମ୍ୟାଚ ପାଟନା ବିହାରକୁ ହରାଇ ପିପିଲି ସେମିଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ମ୍ୟାଚର ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡା . ଶଙ୍କର ରାମଚନ୍ଦାନୀ ଓ ସମ୍ମାନିତ ଅତିଥି ଭାବରେ ସମ୍ବଲପୁରୀ ଆଲବମ ଷ୍ଟାର ପ୍ରାଚୀ ପାଣିଗ୍ରାହୀ ଯୋଗଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବରେ ପିପିଲି ଦଳର ଭାଗୀରଥି ବେହେରାଙ୍କୁ ପୁରସ୍କୃତ ପ୍ରଦାନ କରିଥିଲେ। ମ୍ୟାଚକୁ ଅମ୍ପାୟର ଝସକେତନ, ସନମ, ଦିଲୀପ ଏବଂ ଅନ୍ତର୍ଯାମୀ ପ୍ରଧାନ ପରିଚାଳନା କରିଥିବା ବେଳେ ସ୍କୋରର ସୁନୀଲ, ଓ ବୁଦ୍ଧଦେବ ମହାରଣା, ମିଟୁ ଧାରା ବିବରଣୀ ପ୍ରଦାନ କରିଥିଲେ। ସାନୁ, ଚନ୍ଦନ, ଗୋକୁଳ, ଉମେଶ, ଆକାଶ, ସୁଜିତ, ବିକାଶ, ଅର୍ଜୁନ, ସନ୍ତୋଷ, ଦୟା, ରୋହନ, ସୁଶୀଲ, କ୍ୟାମେରା ମେନ ପପୁ, ଦେବା, ପ୍ରଦୀପ, ଯତୀନ, ଜଗନ୍ନାଥ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

# ନେତାଜୀ, ବୀର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମ ଅବର୍ଣ୍ଣନୀୟ

**ବରଗଡ଼,୨୩।୧(ପ୍ରେମାନନ୍ଦ ଖମାରୀ)**



ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଗୁରୁବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଅନୁଷ୍ଠିତ ସମାରୋହରେ ଜିଲାପାଳ ଆଦିତ୍ୟ ଗୋୟଲ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସ୍ଲା ପ୍ରମୁଖ ଉପସ୍ଥିତ ଥିଲେ। ବୀର ସୁରେନ୍ଦ୍ର ସାଏ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ସେମାନେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେହିପରି ବରଗଡ଼ ରାଣାପ୍ରତାପ ସ୍କୁଲରେ ଆୟୋଜିତ ଜୟନ୍ତୀ ସମାରୋହରେ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସେ କହିଥିଲେ, ବୀର ସୁରେନ୍ଦ୍ର ସାଏ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସ୍ୱାଧୀନତା ସଂଗ୍ରାମର ପରାକ୍ରମୀ ସଂଗ୍ରାମୀ ଯୋଦ୍ଧା ଥିଲେ। ଦେଶ ମାତୃକାର ସ୍ୱାଧୀନତା ପାଇଁ ଉଭୟ ମହାନ ସଂଗ୍ରାମୀଙ୍କ ସଂଗ୍ରାମ ଅବର୍ଣ୍ଣନୀୟ ବୋଲି ସାହୁ କହିଥିଲେ। କାର୍ଯ୍ୟକ୍ରମରେ ଚାଷୀନେତା ସଚ୍ଚିଦାନନ୍ଦ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ କପିଳ ବାଗ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ବାରପାହାଡ଼ ଡେବ୍ରିଗଡ଼ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୀର ସୁରେନ୍ଦ୍ର ସାଏଙ୍କ ସମେତ ତାଙ୍କ ସହଯୋଗୀ ଖରସଲ ଜମିଦାର ସର୍ଦ୍ଦାର ଦେୱାଲ ସିଂ, ପାହାଡ଼ଶ୍ରୀଗିଡ଼ା ଜମିଦାର ସର୍ଦ୍ଦାର ଜନାର୍ଦ୍ଦନ ସିଂ, ଲଖନପୁର ଜମିଦାର ସର୍ଦ୍ଦାର କମଳ ସିଂଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଭଟଲି ବିଡିଓ ପ୍ରମୋଦ କୁମାର ମେହେର, ତହସିଲଦାର ରାମକୃଷ୍ଣ ମିଶ୍ର, ଭଟଲି ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ, ଜିଲା ପରିଷଦ ସଭ୍ୟ ଈଶ୍ୱର ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ମେଘନାଦ ସାହୁ ସଂଯୋଜନା କରିଥିଲେ। ଏଠାରେ ଡା. ଶକ୍ତି କୁମାର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ବିକାଶ ଲ ସ୍କୁଲରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ଡଃ ବିକ୍ରମ କୁମାର ଦାଶ ଅଧକ୍ଷତା କରିଥିଲେ। ବିକାଶ ଡିଗ୍ରୀ କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ମୁଖ୍ୟ ଅତଥିଭାବେ ଯୋଗଦାନ କରିଥିଲେ। ବିକାଶ ଆବାସିକ ସ୍କୁଲରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ଅଧକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧକ୍ଷ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଥାନାରେ ଏତଲା

**କୁଆଁରମୁଣ୍ଡା,୨୩।୧(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଯମୁନାନାକି ନିକଟରେ ବୁଧବାର ସନ୍ଧ୍ୟାରେ ଜଣେ କାର ଚାଳକଙ୍କୁ ୮ରୁ ଊର୍ଦ୍ଧ୍ୱ ଯୁବକ ଅଟକାଇ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆକ୍ରମଣର ଶିକାର ହୋଇଛନ୍ତି ବିହାର ରାଜ୍ୟ ନାଳନ୍ଦା ଜିଲାର ସୁଧୀର କୁମାର(୨୮)। ସେ ଏବେ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ବୀରମିତ୍ରପୁର ଥାନାରେ ଏକ ମାମଲା(ନଂ.୨୫/୨୫) ରୁଜୁ ହୋଇଛି। ଥାନାଧିକାରୀ ରାମ ପ୍ରସାଦ ନାଗ ଘଟଣାର ତଦନ୍ତ ଜାରି ରଖିଛନ୍ତି।

## ଗାଡ଼ି ଧକ୍କାରେ ଜଣେ ଗୁରୁତର

**ଲାଞ୍ଜିଗଡ଼,୨୩।୧(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍ ନର୍ଲା ଥାନା ସିକେରକୁପା ଫାଣ୍ଡି ଅନ୍ତର୍ଗତ ଭବାନୀପାଟଣାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥ କାଉଗୁଡ଼ା ନିକଟରେ ଗୁରୁବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ କାଉଗୁଡା ଗ୍ରାମର ସଦା ମାଝୀ। ସଦା ରାସ୍ତା ପାର ହେଉଥିବା ସମୟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ସିକେରକୁପା ଫାଣ୍ଡି ପୋଲିସ ପହଞ୍ଚି ତାଙ୍କୁ ଚିକିତ୍ସା ପାଇଁ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିବା ଫାଣ୍ଡି ଅଧିକାରୀ ମୀନକେତନ ଶବରଠାରୁ ସୂଚନା ମିଳିଛି।

# ଖଣି, ଶିଳ୍ପ ଅନୁଷ୍ଠାନରେ ସୁରକ୍ଷାକୁ ନେଇ ଗୁରୁତ୍ୱାରୋପ

**ସୁନ୍ଦରଗଡ଼,୨୩।୧(ଜୟ ନାରାୟଣ ମେଣ୍ଡୁଲି)**


ସମୀକ୍ଷା ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

- ଦୁର୍ଘଟଣା ପରେ ଚେତିଲା ପ୍ରଶାସନ
- ଶିଳ୍ପକ୍ଷେତ୍ର, ଖଣି ଗୁଡିକର ସୁରକ୍ଷା ବ୍ୟବସ୍ଥା ନେଇ ସମୀକ୍ଷା ବୈଠକ

ନିକଟରେ ରାଜଗାଙ୍ଗପୁର ସ୍ଥିତ ଡାଲମିଆ ସିମେଣ୍ଟ କାରଖାନାରେ ଘଟିଥିବା ଦୁର୍ଘଟଣା ପରେ ଜିଲା ପ୍ରଶାସନ ଚେତିଛି। ଗୁରୁବାର ସ୍ଥାନୀୟ ବିକାଶ ଭବନଠାରେ ଜିଲାପାଳ ମନୋଜ ମହାଜନଙ୍କ ଅଧ୍ୟକ୍ଷତାରେ ଜିଲାରେ ଥିବା ଶିଳ୍ପ ପ୍ରତିଷ୍ଠାନ ଏବଂ ଖଣି ଗୁଡିକର ସୁରକ୍ଷା ତଥା ନିରାପତ୍ତା ବ୍ୟବସ୍ଥା ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଣି ଓ ଶିଳ୍ପ ଅନୁଷ୍ଠାନଗୁଡିକରେ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ଓ ନିୟମକୁ କଡାକଡି ଅନୁପାଳନ ପାଇଁ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ସୁନ୍ଦରଗଡ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ରାଉରକେଲା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, ସୁନ୍ଦରଗଡ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ବଣାଇ ଉପଜିଲାପାଳ ଅକ୍ଷୟ ପିଲ୍ଲାଇ, ସଦର ଉପଜିଲାପାଳ ଦାଶରଥି ସରାବୁ, ପାନପୋଷ ଉପଜିଲାପାଳ ବିଜୟ ନାୟକ, ବଣାଇ ଏସଡିପିଓ, ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ ରଞ୍ଜନ ଜେନା, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ଜିଲା ବିଭିନ୍ନ କମ୍ପାନୀର ଅଧିକାରୀ ତଥା ପ୍ରତିନିଧିମାନେ ଯୋଗ ଦେଇଥିଲେ। ବୈଠକରେ ଜିଲାପାଳ ମହାଜନ ଗତ ସପ୍ତାହରେ ରାଜଗାଙ୍ଗପୁର ସ୍ଥିତ ଡିସିବିଏଲ କମ୍ପାନୀରେ ହୋଇଥିବା ଦୁର୍ଘଟଣା ନେଇ ଗଭୀର ଶୋକ ପ୍ରକାଶ କରିଥିଲେ ଏବଂ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଶ୍ରମିକଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଏହାସହିତ ସେ କଳକାରଖାନା ଏବଂ ଖଣି ଗୁଡିକରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ନିୟମିତ ଭାବେ ଯାଞ୍ଚ କରାଯିବା ଏବଂ କୌଣସି ଭୁଲ ତ୍ରୁଟି ରହିଥିଲେ ତୁରନ୍ତ ତାହାକୁ ସୁଧାରିବା, ନିୟମିତ ଭାବେ ନିରାପତ୍ତା ଅଡ଼ିଟ କରାଯିବା ଏବଂ କାରଖାନା ଗୁଡିକରେ ମଗଡ୍ରିଲ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହିସବୁ ଅନୁପାଳନ କରିବା ଦ୍ୱାରା କାରଖାନାରେ କ'ଣ କ'ଣ ସବୁ ଅସୁବିଧା ରହିଛି କିମ୍ବା ଯନ୍ତ୍ରାଂଶ ଗୁଡ଼ିକର କ୍ଷମତା ମଧ୍ୟ ଜଣା ପଡ଼ିବ ଏବଂ ତାହାର ପ୍ରତିକାର କରାଯାଇ ଦୁର୍ଘଟଣାକୁ ଏଡାଇ ଦିଆଯାଇପାରିବ ବୋଲି କହିଥିଲେ। ସେହିଭଳି ସମସ୍ତ କାରଖାନା ଗୁଡ଼ିକ ଆସନ୍ତା ଏକ ମାସ ଭିତରେ ମଗଡ୍ରିଲ କରିବାକୁ ଜିଲାପାଳ ମହାଜନ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ମହାଜନ କଳକାରଖାନା ଗୁଡିକରେ କୌଣସି ଅଘଟଣ ଘଟିଲେ ତୁରନ୍ତ ସଠିକ ସୂଚନା ପ୍ରଦାନ କରାଯିବା ନେଇ ମଧ୍ୟ ଗୁରୁତ୍ୱାରାପ କରିଥିଲେ। ବୈଠକରେ ସୁନ୍ଦରଗଡ ଆରକ୍ଷୀ ଅଧିକ୍ଷକ ଦିବାକର ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଠିକ ସୂଚନା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ କାରଖାନା ଓ ବାଷ୍ପିତ୍ର ରାଉରକେଲାର ଡିଭିଜନର ଉପନିର୍ଦ୍ଦେଶକ ଇଞ୍ଜିନିୟର ବିଭୁ ପ୍ରସାଦ କାରଖାନା ଅଧିନିୟମ ୧୯୪୮, ବାଷ୍ପିତ୍ର ଅଧିନିୟମ ୧୯୨୩, ଓଡ଼ିଶା କାରଖାନା ଅଧିନିୟମ ୧୯୫୦ ଆଦି ପ୍ରମୁଖ ଅଧିନିୟମ ଗୁଡିକ ଉପରେ ଉପସ୍ଥାପନ କରିଥିଲେ। କଳକାରଖାନା ଗୁଡିକରେ କିଭଳି ସୁରକ୍ଷା ବ୍ୟବସ୍ଥା ଅବଲମ୍ବନ କରାଯିବ, କେଉଁ କେଉଁ ଦିଗ ପ୍ରତି ସତର୍କତା ଅବଲମ୍ବନ କରାଯିବ, ଶ୍ରମିକଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଓ କଲ୍ୟାଣ ଦିଗରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ସମ୍ପର୍କରେ ଉପସ୍ଥାପନ କରିଥିଲେ। ସେହିଭଳି କର୍ମଚାରୀ କ୍ଷତିପୂରଣ ଅଧିନିୟମ, କମ୍ପାନୀ କର୍ତ୍ତୃପକ୍ଷମାନଙ୍କ କର୍ମଚାରୀ ଏବଂ ଶ୍ରମିକଙ୍କ ପ୍ରତି ଉତ୍ତରଦାୟିତ୍ୱ, ସେମାନଙ୍କ ପାଇଁ କାରଖାନା ଗୁଡିକରେ ସମସ୍ତ ଅତ୍ୟାବଶ୍ୟକୀୟ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇବା, ଶ୍ରମିକମାନେ କିଭଳି ଭାବେ ନିରାପଦରେ କାମ କରିବେ, କୌଣସି ଯନ୍ତ୍ର ବା ମେଶିନକୁ ଚଳାଇବା ପୂର୍ବରୁ କର୍ତ୍ତୃପକ୍ଷଙ୍କ ଦ୍ୱାରା ତାହାର ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଦେବା, ସୁରକ୍ଷା ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ କରିବା, ସିସିଟିଭି ବ୍ୟବସ୍ଥା, ଗ୍ୟାସ, ଅଗ୍ନି ସୁରକ୍ଷା ବ୍ୟବସ୍ଥା ଆଦିର ପରିଚାଳନା ଆଦି ଉପରେ ଉପସ୍ଥାପନା କରିଥିଲେ। ସେହିଭଳି ଜିଲାରେ ଶିଳ୍ପ ଦୁର୍ଘଟଣାକୁ ରୋକିବା ନିମନ୍ତେ ରୋଡ ମ୍ୟାପ ଓ ରଣନୀତି ନିମନ୍ତେ ମଧ୍ୟ ଆଲୋଚନା କରାଯାଇଥିଲା। ପରେ ବିଭିନ୍ନ କମ୍ପାନୀ ଦ୍ୱାରା କାରଖାନା ଗୁଡିକରେ ସୁରକ୍ଷା ଓ ସତର୍କତା ଅବଲମ୍ବନ ନେଇ ପିପିଟି ମାଧ୍ୟମରେ ଉପସ୍ଥାପନା କରାଯାଇଥିଲା।

## ଭୁଲ ସ୍ୱୀକାର କଲେ ବିଭାଗୀୟ ଅଧିକାରୀ

**ବଡ଼ଗାଁ,୨୩।୧(ଅଶୋକ ଷଡ଼ଙ୍ଗୀ)**

**ଚାଷୀଙ୍କୁ ଧାନ ବିକ୍ରି ପ୍ରାପ୍ୟ ନ ମିଳିବା ଘଟଣା**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସିଆଁମାଲ ଗ୍ରାମର ଚାଷୀ ଗୋକୁଳ ଖୁଣ୍ଟିଆ ପେଟଫୋଡ ଗ୍ରାମର ଶାନ୍ତି ସ୍ୱୟଂସହାୟକ ଗୋଷ୍ଠୀରେ ଧାନ ବିକ୍ରି କରିଥିଲେ। ହେଲେ ଧାନର ପ୍ରାପ୍ୟ ନ ମିଳିବା ଘଟଣାକୁ ନେଇ ବଡଗାଁ ଥାନାରେ ଅଭିଯୋଗ ହୋଇଥିଲା। ଘଟଣା ଅନୁଯାୟୀ, ଗୋକୁଳ ଖୁଣ୍ଟିଆ ପେଟଫୋଡ ଗ୍ରାମର ଶାନ୍ତି ସ୍ୱୟଂସହାୟକ ଗୋଷ୍ଠୀରେ ଧାନ ବିକ୍ରି କରିବାକୁ ପଞ୍ଜିକରଣ କରିଥିଲେ। ଚଳିତ ମାସ ୪ ଓ ୮ ତାରିଖରେ ସମୁଦାୟ ୩୨ କୁଇଣ୍ଟାଲ ୬୩ କେ.ଜି ଧାନ ବିକ୍ରୀ କରିଥିଲେ। ତେବେ ୧୦ ତାରିଖରେ ତାଙ୍କୁ ମଣ୍ଡୀ ପକ୍ଷରୁ ରସିଦ ପ୍ରଦାନ ବେଳେ ସେ ୨୮ କୁଇଣ୍ଟାଲ ୭୭ କେଜି ଧାନ ବିକ୍ରୀ କରିଥିବା ରସିଦ ମିଳିଥିଲା। ଏହି ଘଟଣା ଉପରେ ବିଭାଗୀୟ ଉଚ୍ଚ ଅଧିକାରୀ ହସ୍ତକ୍ଷେପ କରିଥିଲେ। ଗୁରୁବାର ସମବାୟ ନିରୀକ୍ଷଣ ଅଧିକାରୀ ଅସିତ ସାହୁ,ସାହାଜବାହାଲ ଲ୍ୟାମ୍ପସ ଏମଡି ଶୁଭ କୁମାର ବେହେରା, ଶାନ୍ତି ସ୍ୱୟଂସହାୟକ ଗୋଷ୍ଠୀର ଧାନ କ୍ରୟ ଦାୟିତ୍ୱରେ ଥିବା ସଞ୍ଜୟ ବେହେରା ଚାଷୀ ଗୋକୁଳଙ୍କ ଘରକୁ ଯାଇ ଧାନ କ୍ରୟ ସମୟରେ ଭୁଲ ହୋଇଥିବା ସ୍ୱୀକାର କରିଥିଲେ। ଏହାସହ ରସିଦରେ କମ ଥିବା ୩ କୁଇଣ୍ଟାଲ ୮୬ କେଜିର ଟଙ୍କା ଚାଷୀଙ୍କୁ ପ୍ରଦାନ କରିଥିଲେ। ଗୋକୁଳ ପ୍ରଥମେ ପାସବୁକରେ ୨୮ କୁଇଣ୍ଟାଲ ୭୭ କେଜିର ପ୍ରାପ୍ୟ ମିଳିବା ପରେ ଏହି ଟଙ୍କା ଗ୍ରହଣ କରିବେ ବୋଲି କହିଥିଲେ। ଯାହା ଫଳରେ ଟଙ୍କା ନଦେଇ ଅଧିକାରୀ ମାନେ ଫେରିଆସିଥିଲେ। ଏହି ସମ୍ପର୍କରେ ସମବାୟ ନିରୀକ୍ଷଣ ଅଧିକାରୀ ଅସିତ ସାହୁଙ୍କୁ ପଚରାଯିବାରୁ ସେ କହିଛନ୍ତି, ଘଟଣାର କଥାବାର୍ତ୍ତା ମାଧ୍ୟମରେ ଆପୋଷ ସମାଧାନ ହୋଇଛି। ଆମେ ଭୁଲଥିବା ୩ କୁଇଣ୍ଟାଲ ୮୬ କେଜିର ପ୍ରାପ୍ୟ ଦେବାକୁ ଗୋକୁଳ ଘରକୁ ଯାଇଥିଲୁ। ତେବେ ସେ ୨୮ କୁଇଣ୍ଟାଲ ୭୭ କେଜିର ପ୍ରାପ୍ୟ ପାଇବା ପରେ ଏହା ଗ୍ରହଣ କରିବେ ବୋଲି କହିଥିଲେ। ଅନୁରୂପଭାବେ ଧାନ କ୍ରୟ ଦାୟିତ୍ୱରେ ଥିବା ସଞ୍ଜୟ ବେହେରା ମଧ୍ୟ ଭୁଲ ସ୍ୱୀକାର କରିଥିଲେ। ତେବେ ଧାନ ବିକ୍ରୀ ସମୟରେ ଏହି ଧାରଣର ତ୍ରୁଟି ଗ୍ରହଣୀୟ ନୁହେଁ ବୋଲି ସ୍ଥାନୀୟ ଚାଷୀ ମହଲରେ ମତ ପ୍ରକାଶ ପାଇଛି। ଚାଷୀ ମାନେ କାର୍ଯ୍ୟାନୁଷ୍ଠନ ଦାବି କରୁଛନ୍ତି।

## ବ୍ଲକସ୍ତରୀୟ ସ୍ମାର୍ଟ କ୍ଲାସ ତାଲିମ ଶିବିର



ତାଲିମ ଶିବିରରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ।

**ବଡ଼ଗାଁ, ୨୩।୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଭୋଇପାଲି ୟୁପି ସ୍କୁଲ ପରିସରରେ ୨ ଦିବସୀୟ ସ୍ମାର୍ଟ କ୍ଲାସ ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ଏମସିଏଲ ଓ ଇଡିସିଆଇଏଲ ମିଳିତ ଆନୁକୂଲ୍ୟରେ ବଡ଼ଗାଁ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହିରୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଭୁବନେଶ୍ୱରରୁ ଆସିଥିବା ତାଲିମଦାତା ସୁନିଲ ପ୍ରଧାନ, ପ୍ରିତମ ସିଂ, ଧୃତିଦିପା ସେନାପତି ପ୍ରମୁଖ ବ୍ୟକ୍ତିମାନେ ଯୋଗଦେଇଥିଲେ। ବଡ଼ଗାଁ ବ୍ଲକର ୧୫ ସ୍କୁଲର ୩୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଡିଜିଟାଲ ଯୁଗରେ ଶିକ୍ଷକଙ୍କ ଶିକ୍ଷାଦାନ ଦକ୍ଷତା ବିକାଶ, ଶ୍ରେଣୀ ଗୃହରେ ପ୍ରଯୁକ୍ତିବିଦ୍ୟାକୁ ପ୍ରଭାବଶାଳୀ ଭାବେ ସଂଯୋଜନା କରିବା ପାଇଁ ଆବଶ୍ୟକୀୟ ଜ୍ଞାନ ଓ ବିଶେଷଜ୍ଞଙ୍କ ସହ ସଜ୍ଜିତ କରିବାକୁ ତାଲିମ ପ୍ରଦାନ କରାଯାଇଛି। ଏହାସହ ଭାବର ଆଦାନ ପ୍ରଦାନ ପାଇଁ ବ୍ୟବହୃତ ଧଳା ବୋର୍ଡ, ଶିକ୍ଷାଗତ ସଫ୍ଟୱେର, ଡିଜିଟାଲ ସମ୍ବଳ, ସ୍ମାର୍ଟ କ୍ଲାସ ରୁମ ବିଷୟରେ ତାଲିମ ପ୍ରଦାନ କରାଯାଇଛି। ଫଟୋ.. ତାଲିମ ନେଉଥିବା ଶିକ୍ଷୟତ୍ରୀ ଶିକ୍ଷକ।

## ଶୁଟ୍ ଆଉଟ୍‌ରେ ଜିତିଲା ତାମିଲ ନାଡୁ ଡ୍ରାଗନ୍ସ

ଭୁବନେଶ୍ୱର, ୨୩।୧ (ବିଜୟ ରଣା): ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ପୁରୁଷ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଏକ ମ୍ୟାଚରେ ତାମିଲ ନାଡୁ ଡ୍ରାଗନ୍ସ ୪-୩ ଶୁଟ୍ ଆଉଟରେ ହାଇଦ୍ରାବାଦକୁ ପରାସ୍ତ କରିଛି। ତାମିଲନାଡୁ ଡ୍ରାଗନ୍ସ ୮ଟି ଦଳକୁ ନେଇ ଷ୍ଟାଣ୍ଡିଂରେ ୮ଟି ମ୍ୟାଚରୁ ୧୭ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରି ନେଇଛି। ଅନ୍ୟପକ୍ଷରେ ତୁଫାନ୍ସ ଦଳ ସମାନ ସଂଖ୍ୟକ ମ୍ୟାଚରୁ ୧୪ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି। ଗୁରୁବାରର ସଂଘର୍ଷପୂର୍ଣ୍ଣ ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୨-୨ ଗୋଲ୍‌ରେ ବରାବର ରହିଥିଲା। ଏଥିରେ ଡ୍ରାଗନ୍ସ ତରଫରୁ ବ୍ଲାକ ଗୋଭର୍ସ ଓ ଜିପ୍ ଜାନସେନ ଗୋଟିଏ ଲେଖାଏଁ ଗୋଲ ଦେଇଥିବା ତୁଫାନ୍ସ ତରଫରୁ ମ୍ୟାଚ ତରଫରୁ ପ୍ରଥମ ଗୋଲ୍ ଟିମ୍ ବ୍ରାଣ୍ଡ ସ୍କୋର କରିଥିବା ବେଳେ ଖେଳର ଶେଷ ମୁହୂର୍ତ୍ତ ଅର୍ଥାତ ୫୯ତମ ମିନିଟ୍‌ରେ ମାଇକୋ କାସେଲାଙ୍କ ଗୋଲ୍ ଫଳରେ ମ୍ୟାଚ ଶୁଟ୍‌ଆଉଟକୁ ଚାଲିଯାଇଥିଲା।

## ଜଙ୍ଗଲ ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟ



**ହେମଗିର,୨୩।୧(ଚୈତନ୍ୟ ପଟେଲ)**

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ସ୍ଥିତ ଗୋପାଳପୁର ବନାଞ୍ଚଳର କୁଣ୍ଡ ଗ୍ରାମଠାରେ ଗୁରୁବାର ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ ସଦର ବିଧାୟକ ଯୋଗେଶ କୁମାର ସିଂହ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥିଭାବେ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ, ସହକାରୀ ବନ ସଂରକ୍ଷକ ରାଜକୁମାର ସେଠି, ବନାଞ୍ଚଳ ଅଧିକାରୀ ହରିହର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସିଏଏମପିଏ, ସିଏ ଓ ଇପିଏ ମଧ୍ୟରେ କୁଣ୍ଡ, ସାହାସପୁର, ଗଡ଼ଦାର ଓ ତୁମୁଲିଆ ଗ୍ରାମର ୫୦ଜଣ ହିତାଧିକାରୀଙ୍କୁ ଉଦ୍ୟାନ କୃଷି ସମନ୍ୱୟ ଉପକରଣ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପନିପରିବା ବିହନ, ଜୈବିକ ସାର, ଜୈବିକ କୀଟନାଶକ ଔଷଧ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ଇପିଏ ଅନୁଦାନ ପାଣ୍ଠିରୁ କୁଣ୍ଡ, ଗଡଦ୍ୱାର, ସାହାସପୁର, କୁତାବଗା ଆଦି ଗ୍ରାମରେ ୮ଟି ସୋଲାର ଲାଇଟ ପ୍ରଦାନ କରିବା ସହିତ ୨ଟି ଲାଇଟ ଉନ୍ମୋଚନ କରାଯାଇଛି। ଏହା ସହିତ ଟପରିଆ ସ୍ଥିତ ଜାମଝରିଆ ଗ୍ରାମଠାରେ ବନ୍ୟଜନ୍ତୁ ସୁରକ୍ଷା ସମ୍ବନ୍ଧୀୟ ସଚେତନତା କରିବା ସହ ବଣୁଆ ହାତୀଙ୍କ ଠାରୁ ସୁରକ୍ଷା ପାଇବା ପାଇଁ ୨୦ଟି ଟର୍ଚ୍ଚ ଲାଇଟ ପ୍ରଦାନ କରାଯାଇଥିଲା। ଜଙ୍ଗଲରେ ନିଆଁ ନିର୍ବାରଣ ଓ ପ୍ରତିକାର କରିବା ନେଇ ସଚେତନତା କରାଯାଇଥିଲା ।

## ସୁଭାସ ବୋଷଙ୍କ ୧୨୮ତମ ଜୟନ୍ତୀ



**ରାଜଗାଙ୍ଗପୁର,୨୩।୧(ଅଶୋକ ପାଣି)**

ରାଜଗାଙ୍ଗପୁରର ନେତାଜୀ ସୁଭାସ ବୋଷ କମିଟି ଦ୍ୱାରା ସୁବାସ ଚନ୍ଦ୍ର ବୋଷଙ୍କ ୧୨୮ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସହରର ସୁବାସ ଛକଠାରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିକୁ ସୁସଜ୍ଜିତ କରାଯାଇ ଥିଲା ଓ ଏହା ନିକଟରେ ଏକ ସାଧାରଣ ସଭାର ଆୟୋଜନ କମିଟି ଦ୍ୱାରା କରାଯାଇଥିଲା। ସଭାରେ ମୁଖ୍ୟ ଅତିଥିଭାବେ ରାଜଗାଙ୍ଗପୁର ବିଧାୟକ ଡ.ସିଏସ ରାଜନ ଏକ୍କା, ସମ୍ମାନିତ ଅତିଥିଭାବେ ରାଜଗାଙ୍ଗପୁର ପୌରାଧକ୍ଷା ମାଧୁରୀ ଲୁଗୁନ, ଥାନାଧୀକାରୀ ମନୋରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ କମିଟିର ସଭାପତି ଇନ୍ଦ୍ରଜିତ ସିଂ, ଉପସଭାପତି ତଥା ଉପନଗରପାଳ ମହମ୍ମଦ ଇରଫାନଙ୍କ ସହିତ ନେତାଜୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅତିଥିମାନେ ନେତାଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଏନସିସି ଛାତ୍ରୀଛାତ୍ରତମାନେ ଯୋଗଦାନ କରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହାସହିତ ତ୍ରୀରଙ୍ଗା ସେନାପତି ତଥା ଅନ୍ୟମାନେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ କମିଟି ଦ୍ୱାରା ସମ୍ମାନିତ କରାଯାଇଥିଲା। କମିଟିର ସମ୍ପାଦକ ସଂମ୍ଭୁ ସିଂଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା ତଥା ସହଯୋଗ କରିଥିଲେ।

## ସୁନ୍ଦରଗଡ଼ ଟାଉନ କ୍ଲବ ଚାମ୍ପିୟନ

**ସିଏମ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

**ସୁନ୍ଦରଗଡ,୨୩।୧(ଜୟ ନାରାୟଣ ମେଣ୍ଡୁଲି)**



କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଓ ସୁନ୍ଦରଗଡ଼ ଜିଲା କ୍ରୀଡ଼ା ସଂସଦର ମିଳିତ ଆନୁକୂଲ୍ୟରେ ଚାଲିଥିବା ୧୫ ବର୍ଷରୁ କମ ବାଳକ ଆନ୍ତଃ କ୍ଲବ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ସୁନ୍ଦରଗଡ ଟାଉନ କ୍ଲବ ଓ କୁଣ୍ଡୁକେଲା ଆଥଲେଟିକ ଆସୋସିଏଶନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟାଉନକ୍ଲବ ସୁନ୍ଦରଗଡ ୪-୨ଗୋଲରେ କୁଣ୍ଡୁକେଲା ଆଥଲେଟିକ ଆସୋସିଏଶନକୁ ହରାଇ ଚାମ୍ପିୟାନ ହୋଇଛି। ଉଦ୍‌ଯାପନୀ ସମାରୋହରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗର ସହକାରୀ ନିର୍ଦ୍ଦେଶକ ସୁଦୀପ୍ତ ନାଏକ ଅତିଥିଭାବେ ଯୋଗଦେଇ ବ୍ଲକ ଚାମ୍ପିୟାନ ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳିଭାବେ ଟାଉନ କ୍ଲବର ଆଶିଷ ଓରାମ ପୁରସ୍କୃତ ହୋଇଥିଲେ। ରେଫରୀ ବିବେକ କୁମାର ନାଏକ, ଅଜୟ ଖଡିଆ, ହିତେଶ ସା, ରାଜେଶ କିସାନ ଖେଳ ପରିଚାଳନା କରିଥିଲେ। ନିତ୍ୟ କୁମାର ବଳ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ।ପ୍ରଭାତ କୁମାର ଭୋଳଙ୍କ ତତ୍ତ୍ୱାବଧାନରେ ଏହି ମ୍ୟାଚ ପରିଚାଳନାରେ ସସଦର ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ବିଜେଡି ପାଳିଲା ସୁଭାଷ, ସୁରେନ୍ଦ୍ର ସାଏ ଜୟନ୍ତୀ

**ବଣାଇଁ, ୨୩.୧(ପ୍ରଦୀପ ତ୍ରିପାଠୀ)**

ବଣାଇଁ ବିଜୁ ଜନତା ଦଳ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଦଳ କାର୍ଯ୍ୟାଳୟରେ ବିଜୁ ଜନତା ଦଳ ରାଉରକେଲା ଜିଲା କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ବଣାଇଁ ବ୍ଲକ ସଭାପତି ରଘୁନାଥ ସାହୁ ପରିଚାଳନା କରିବାସହ ଉଭୟ ବରପୁତ୍ରଙ୍କ ସଂଗ୍ରାମୀ ଜୀବନୀ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ଅଧକ୍ଷ ରଣଜିତ କିସାନ, ବଣାଇଁ ଖ ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଣାଇଁ ବ୍ଲକ ଉପାଧକ୍ଷା ବିନତି ବେହେରା, ଶ୍ୱେତବସନ୍ତ ବିଶ୍ୱାଳ, ସୁନ୍ଦରମଣି ପ୍ରଧାନ, ସୁରଜ ସେଠ, ଦମୟନ୍ତୀ ସାଣ୍ଡିଲ, ଅଗସ୍ତି ନାୟକ, ଲିଲୁ ବହିଦାର, ରୁକ୍ମିଣୀ ସାମଲ, ଧର୍ମେନ୍ଦ୍ର ସାହୁ, ତାପସ କାଲୋ ପ୍ରମୁଖ ନେତୃବୃନ୍ଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଉତ୍ପାତ ଚଳାଇଛନ୍ତି ୧୨ ଟିକିଆ ହାତୀ ପଲ

**ବଣାଇଁ,୨୩।୧(ପ୍ରଦୀପ ତ୍ରିପାଠୀ)**



- ଥମୁନି ହାତୀ ଆତଙ୍କ
- ଘଉଡାଇବା କ୍ଷେତ୍ରରେ ବନବିଭାଗ ବିଫଳ

ସୁନ୍ଦରଗଡ଼ ଜିଲା ବଣାଇଁ ବନଖଣ୍ଡ ତାମଡା ରେଞ୍ଜ ଅଞ୍ଚଳରେ କିଛିଦିନ ହେଲା ଏକ ହାତୀପଲ ଉତ୍ପାତ ଚଳାଇଛନ୍ତି। ୩ମାସ ତଳେ ଏହି ହାତୀପଲ ଝାରଖଣ୍ଡ ଅଞ୍ଚଳକୁ ଚାଲିଯାଇଥିଲେ। ଏବେ ପୁଣି ଫେରି ଘର ଭାଙ୍ଗିବା ସହ ଗଚ୍ଛିତ ଥିବା ଧାନ ଚାଉଳ ଖାଇ ନଷ୍ଟ କରୁଛନ୍ତି। ବନ ବିଭାଗ ହାତୀ ପଲଙ୍କ ଉପରେ ନଜର ରଖି ଟ୍ରାକିଂ କରୁଥିଲେ ମଧ୍ୟ ହାତୀ ଚକମା ଦେଇ ଜଙ୍ଗଲରୁ ଗାଁ ମୁହାଁ ହୋଇ ଘର ଭାଙ୍ଗୁଥିବା ବିଭାଗ ପକ୍ଷରୁ ସଫେଇ ଦିଆଯାଉଛି। ଏବେ ଧାନ ଫସଲ ଅମଳ ସରିଛି, ଚାଷୀ ଧାନ ବିକ୍ରି ପାଇଁ ହେଉ କି ଖାଇବା ପାଇଁ ହେଉ ଘରେ ଗଚ୍ଛିତ କରି ରଖିଛନ୍ତି। ଏହି ସମୟରେ ହାତୀ ଘରୁ ଧାନ ବସ୍ତା ଆଣି ଖାଇ ଦେଉଛନ୍ତି । ଗତ ୨ଦିନରେ ସୋଲଡେଗା,ପୁରୁଣାପାଣି ଅଞ୍ଚଳରେ ପ୍ରାୟ ୬ରୁ ଊର୍ଦ୍ଧ୍ୱ ଘର ଭାଙ୍ଗି ସାରିଲେଣି । ଏହି ହାତୀ ପଲରେ ଛୁଆ ହାତୀ ଥିବାରୁ ବନ କର୍ମଚାରୀ ଘଉଡ଼ାଇବାକୁ ଯାଉ ଥିବାବେଳେ ମା ହାତୀ ବନ କର୍ମଚାରୀଙ୍କୁ ଓଲଟା ଆକ୍ରମଣ କରିବାକୁ ଗୋଡାଉ ଥିବା ନେଇ ବିଭାଗୀୟ ଅଧିକାରୀମାନେ ପ୍ରକାଶ କରିଛନ୍ତି । ତେବେ ଗୋଠଛଡା ଦନ୍ତା ହେଉ କି ହାତୀପଲ ହୁଅନ୍ତୁ ସବୁବେଳେ ବନବିଭାଗର ବିଫଳତା ନେଇ ଉତ୍ତେଜନା ବୃଦ୍ଧି ପାଉଛି । ସରକାରୀ ପ୍ରୋତ୍ସାହନ, ଆବଶ୍ୟକୀୟ ସୁରକ୍ଷା ଉପକରଣ, ସ୍ୱତନ୍ତ୍ର ସୁରକ୍ଷା ଯୁକ୍ତ ଯାନ ମୁତୟନ ପରେ ମଧ୍ୟ ହାତୀପଲଙ୍କୁ ଘଉଡାଇବାରେ ବନବିଭାଗ ବିଫଳ ହୋଇଥିବା ସାଧାରଣରେ ଚର୍ଚ୍ଚା ଚାଲିଛି।

## ଜାତିବିବାଦ: ମହିଳାଙ୍କ ମୃତଦେହ ସତ୍କାର କଲେ ଟିମ୍ ଶ୍ମଶାନ ବନ୍ଧୁ

**୫୪ ମାସରେ ୯୦୦ ମୃତଦେହ ସତ୍କାର**

**ସୁନ୍ଦରଗଡ,୨୩।୧(ଜୟ ନାରାୟଣ ମେଣ୍ଡୁଲି)**



କୋଭିଡ ସମୟରୁ ଅଜଣା, ଅଛୁଆଁ ମୃତଦେହ ସତ୍କାର କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଟିମ ଶ୍ମଶାନ ବନ୍ଧୁ ବୁଧବାର ରାତିରେ ଜାତିବାଦର ଶିକାର ମହିଳାଙ୍କ ମୃତଦେହ ଦାହ କରି ମାନବିକତା ଦେଖାଇଛନ୍ତି। ସୁନ୍ଦରଗଡ ଜିଲା ଶଙ୍କରାଠାରେ ସବିତା ନାଏକ ସ୍ୱାମୀ, ପୁଅ ଓ ଝିଅଙ୍କୁ ନେଇ ରହୁଥିଲେ। ୨୦୧୮ରେ ନିଜ ଜାତିରୁ ଯାଇ ଅନ୍ୟ ଜାତିର ଏକ ପୁରୁଷ ସହିତ ଛୁଆ ପିଲାଙ୍କୁ ଛାଡି ରହିଥିଲେ।। ଏପଟେ ପୂର୍ବ ସ୍ୱାମୀ ପୁଅ ଝିଅଙ୍କୁ ଛାଡି ଚାଲି ଯାଇଥିଲେ।୨ ଛୁଆ ନିଜ ଅଜା ଆଇଙ୍କ ପାଖରେ ରହି ପାଠ ପଢିଲେ। କିଛିଦିନ ପରେ ଦ୍ୱିତୀୟ ସ୍ୱାମୀ ସବିତାଙ୍କୁ ମାରପିଟ କରୁଥିଲେ। ଗତ କିଛିଦିନ ଆଗରୁ ସବିତାଙ୍କ ଦ୍ୱିତୀୟ ସ୍ୱାମୀ ତାଙ୍କୁ ମାରପିଟ କରିବାରୁ ତାଙ୍କ ଅବସ୍ଥା ଗୁରୁତର ହୋଇଥିଲା। ତାଙ୍କୁ ସୁନ୍ଦରଗଡ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଭିମସାରକୁ ସ୍ଥାନାନ୍ତରିତ କରାଯାଇଥିଲା। ପାଖରେ କେହି ନଥିବାରୁ ସୁଦୂର ଚେନ୍ନାଇରୁ ଝିଅ ଓ ପୁଅଙ୍କ ଦେଖାଶୁଣା କରିବାକୁ ଲାଗିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସବିତାଙ୍କ ପରଲୋକ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦପରେ ଝିଅପୁଅ ଶଙ୍କରା ସ୍ଥିତ ନିଜ ବାସଭବନକୁ ମା'ଙ୍କ ମୃତଦେହକୁ ଆଣିଥିଲେ। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ନିଜ ସମ୍ପର୍କୀୟ, ପରିବାର ସମସ୍ତେ ହାତ ଟେକି ଦେଲେ। ରାତି ୧୦ଟା ପର୍ଯ୍ୟନ୍ତ ସୁନ୍ଦରଗଡ ସ୍ୱର୍ଗଦ୍ୱାରରେ ମୃତଦେହ ପଡି ରହିଥିଲା। କୌଣସି ସୂତ୍ରରୁ ଖବର ପାଇ ଶଙ୍କରା ଗ୍ରାମର ଜଣେ ଯୁବକ ଶ୍ମଶାନ ବନ୍ଧୁମାନଙ୍କୁ ଫୋନ ଯୋଗେ ସମସ୍ତ ବିଷୟ ଅବଗତ କରିଥିଲେ। ରାତି ପ୍ରାୟ ୧୧ଟା ସମୟରେ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କ ସହିତ ଶିଶିର କୁମାର ବେହେରା, ଟିଣ୍ଟୁ ରକ୍ସା, ଦେବେନ୍ଦ୍ର ସାହୁ ସ୍ୱର୍ଗଦ୍ୱାରକୁ ପହଞ୍ଚି ପ୍ରବଳ ଶୀତ ଓ ଥଣ୍ଡାରେ ଶେଷକୃତ ସମ୍ପନ୍ନ କରିଥିଲେ। ସୁନ୍ଦରଗଡ ଟ୍ରକ ଓନର୍ସ ଆସୋସିଏଶନ ପକ୍ଷରୁ କାଠ, ଘିଅ, କର୍ପୁର ଯୋଗାଇ ଦିଆଯାଇଥିଲା। ଶ୍ମଶାନ ବନ୍ଧୁଙ୍କ ଏହି ମାନବିକତା ଯାତ୍ରାକୁ ସମ୍ମାନ ଜଣାଇ ତଥା ଟିମକୁ ଉତ୍ସାହିତ କରିବାକୁ ଟାଉନ ଥାନା ଅଧିକାରୀ ଆଦିତ୍ୟ କୁମାର ମହାକୁଳ ସୁନ୍ଦରଗଡ ସ୍ୱର୍ଗଦ୍ୱାର ଠାରେ ଉପସ୍ଥିତ ରହି ମୃତ ମହିଳାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହିତ ଟିମ ଶ୍ମଶାନ ବନ୍ଧୁର ମନୋବଳ ବଢାଇଥିଲେ ଓ କୃତଜ୍ଞତା ଜ୍ଞାପନ କରିଥିଲେ। ୪୩୬ଟି କୋଭିଡ ସଂକ୍ରମିତ ମୃତକଙ୍କ ଶବସଂସ୍କାର ସହିତ ବର୍ତ୍ତମାନ ପର୍ଯ୍ୟନ୍ତ ୪୬୪ ଅସହାୟ ମୃତକଙ୍କ ଶବ ସଂସ୍କାର ନମ୍ବରକୁ ୯୦୦ କୁ ପହଞ୍ଚାଇ ପାରିଛନ୍ତି।

# ତ୍ୟାଗ, ପ୍ରେରଣାର ପ୍ରତୀକ ଥିଲେ ସୁରେନ୍ଦ୍ର ସାଏ

**ସମ୍ବଲପୁର, ୨୩।୧ (ପ୍ରମୋଦ ବହିଦାର)**

ବୀର ସୁରେନ୍ଦ୍ର ସାଏ ହେଉଛନ୍ତି ଆମ ସମସ୍ତଙ୍କ ପାଇଁ ତ୍ୟାଗ ଓ ପ୍ରେରଣାର ପ୍ରତୀକ। ଆଜିର ଦିନ ସମସ୍ତଙ୍କ ପାଇଁ ଏକ ବିଶେଷ ଦିବସ। ସମ୍ବଲପୁର ଜେଲଖାନା ଛକରେ ବୀର ସୁରେନ୍ଦ୍ର ସାଏଙ୍କ ୨୧୭ ତମ ଜୟନ୍ତି ପାଳନ ଅବସରରେ ବୀରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କର ଏହା କହିଛନ୍ତି ବୋଲି କହିଛନ୍ତି ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର। ସେ କହିଛନ୍ତି, ୨୧୭ ବର୍ଷ ପୂର୍ବେ ଆଜିର ଦିନରେ ବୀର ସୁରେନ୍ଦ୍ର ସାଏ ସମ୍ବଲପୁର ଜିଲା ରେଙ୍ଗାଲି ଅନ୍ତର୍ଗତ ଖିଣ୍ଡାରେ ଜନ୍ମଗ୍ରହଣ କରିଥିଲେ। ଆଗକୁ ସଂଗ୍ରାମୀଙ୍କ ଜନ୍ମସ୍ଥାନ ଖିଣ୍ଡାରେ ସୁରେନ୍ଦ୍ର ସାଏଙ୍କ ବୀରତ୍ୱ ଗାଥାକୁ ଦୃଷ୍ଟିରେ ରଖି ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏକ ବିଶାଳ ପରିଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ସ୍ଥାନର ଉନ୍ନତିକରଣ କାର୍ଯ୍ୟ ୩ ମାସ ପୂର୍ବରୁ ଆରମ୍ଭ ହୋଇସାରିଛି କହିଛନ୍ତି ଜିଲାପାଳ ବୋନ୍ଦର। ଜିଲା ପ୍ରଶାସନ ଓ ଓଡ଼ିଶା ସାଂସ୍କୃତିକ ସମାଜର ମିଳିତ ଆନୁକୂଲ୍ୟରେ ସମ୍ବଲପୁରରେ ଗୁରୁବାର ସକାଳ ୯ଟାରେ ଜିଲାସ୍ତରୀୟ ବୀର ସୁରେନ୍ଦ୍ର ସାଏ ଜୟନ୍ତି ପାଳିତ ହୋଇଯାଇଛି। ଜେଲଖାନା ଛକ ସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ବୋନ୍ଦରଙ୍କ ସମେତ ବିଭିନ୍ନ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ଓ ପ୍ରତନିଧି ମାଲ୍ୟାର୍ପଣ ପୂର୍ବକ ଦିବଙ୍ଗତ ବୀରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲା। ଏହାପୂର୍ବରୁ ଓଡ଼ିଶା ସାଂସ୍କୃତିକ ସମାଜର କର୍ମକର୍ତ୍ତା, ବିଭିନ୍ନ ସାମାଜିକ ସଙ୍ଗଠନ ପ୍ରତିନିଧି ଓ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ବ୍ୟାନର ତଥା ବୀର ସୁରେନ୍ଦ୍ରଙ୍କ ଜୟଗାନ ନାରାଦେଇ ନେଲସନ ମଣ୍ଡେଲା ଛକସ୍ଥିତ ସହିଦସ୍ତମ୍ଭରୁ ଜେଲଖାନା ଛକରେ ପହଞ୍ଚି ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ଜେଲଖାନାସ୍ଥିତ ବୀରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ମାଲ୍ୟାର୍ପଣ କରୁଛନ୍ତି।

**ସମ୍ବଲପୁର ଜିଲାସ୍ତରୀୟ ସୁରେନ୍ଦ୍ର ସାଏ ଜୟନ୍ତୀ**

# ସୁରେନ୍ଦ୍ର ସାଏ ଯୁବକ ସଂଘର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ନାକଟିଦେଉଳ, ୨୩।୧ (ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସରାପାଲିସ୍ଥିତ ସୁରେନ୍ଦ୍ର ସାଏ ଯୁବକ ସଂଘର ବାର୍ଷିକ ଉତ୍ସବ ସହ ସୁରେନ୍ଦ୍ର ସାଏ ଓ ନେତାଜୀ ସୁବାଷ ବୋଷଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇ ଯାଇଛି। ଧିରେନ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ କିସିଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅରୁଣ କୁମାର ପ୍ରଧାନ, ସମ୍ମାନୀତ ଅତିଥି ଭାବେ ନାକଟିଦେଉଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ୱରୂପା ରାଣୀ ସାହୁ, ନାକଟିଦେଉଳ ବିଡିସ କ୍ଷମାନିଧି ଭୋଇ ଯୋଗଦେଇ ଦେଶ ସ୍ୱାଧୀନତା ସଂଗ୍ରାମରେ ଉଭୟ ବିପ୍ଳବୀଙ୍କ ସଂଗ୍ରାମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବକ ସଂଘ ସଭ୍ୟ ପ୍ରଦୀପ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରି ଥିବା ବେଳେ ପିପୁଲ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। କୃଷ୍ଣ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଯୁବକ ସଂଘ ସଭାପତି ଚନ୍ଦ୍ରମଣି ସାହୁଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।

# ବିଜେଡି ପାଳିଲା ସୁରେନ୍ଦ୍ର ସାଏ ଜୟନ୍ତୀ



ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ନିକଟରେ ବିଜେଡି ନେତୃବର୍ଗ।

**ସମ୍ବଲପୁର, ୨୩।୧ (ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ବିଜେଡି ପକ୍ଷରୁ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି। ଦଳର ଜିଲା ସଭାପତି ଇଂ ରୋହିତ ପୂଜାରୀଙ୍କ ନେତୃତ୍ୱରେ ବିଜେଡି କର୍ମକର୍ତ୍ତା ଓ କର୍ମୀମାନେ ସକାଳେ ଜେଲଖାନାଛକସ୍ଥିତ ସଂଗ୍ରାମୀଙ୍କ ପ୍ରତମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଇଂ. ପୂଜାରୀ ଦଳୀୟ କର୍ମକର୍ତ୍ତାଙ୍କ ସହିତ ସୁରେନ୍ଦ୍ର ସାଏଙ୍କ ଜନ୍ମମାଟି ଖିଣ୍ଡାରେ ପହଞ୍ଚି ବିପ୍ଳବୀଙ୍କ ପ୍ରତିମୂର୍ତ୍ତିରେ ମଧ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୁରେନ୍ଦ୍ରଙ୍କ ଦାୟଦମାନଙ୍କୁ ସାକ୍ଷତ କରି ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଏହି ଅବସରରେ ଇଂ ପୂଜାରୀ କହିଥିଲେ ସଂସଦ ଭବନରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ସ୍ଥପନ ହୋଇ ପରିଲେତାହା ତାଙ୍କୁ ପ୍ରକୃତ ସମ୍ମାନ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ନେତା ଆର୍ତ୍ତତ୍ରାଣ ମିଶ୍ର, ବେଣୁଧର ଦାସ, ଅଶୋକ ସେନାପତି, ଗୋକୁଳ ମେହେର, ବସନ୍ତ ମିଶ୍ର, ବନ୍ଦିତା ରାଣୀ ମିଶ୍ର, ଉଷା ପ୍ରଧାନ, ସୌରୀ ପାଣିଗ୍ରାହୀ, ସତେନ୍ଦ୍ର ଦାସ, ସୁରୁବାବୁ ମେହେର, ସୁବାଷ ଜେନା, ଧର୍ମରାଜ୍ ମରେଇ ପ୍ରମୁଖ ଉପସ୍ଥିତ ଥିଲେ।

# ଭିସୁଟରେ ୨ ବୀର ସଂଗ୍ରାମୀଙ୍କ ସ୍ମୃତିଚାରଣ

**ସମ୍ବଲପୁର, ୨୩।୧ (ପ୍ରମୋଦ ବହିଦାର)**

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ)ରେ ଗୁରବାର ଦେଶର ଦୁଇ ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଓ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାତଃ ୯ଟାରେ ଭିସୁଟ କୁଳପତି ପ୍ରଫେସର ବି.ବି.ପତି, ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବଧୁଭୂଷଣ ମିଶ୍ର ଓ କୁଳସଚିବ ପ୍ରଦୀପ କୁମାର ଡାଙ୍ଗ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସେମିନାର କକ୍ଷରେ କୁଳପିତ ପ୍ରଫେସର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ମୁଖଅତିଥି ପ୍ରଫେସର ମିଶ୍ର ତାଙ୍କ ବକ୍ତବ୍ୟ ମାତୃଭୂମିକୁ ବ୍ରିଟିଶ ଶାସନରୁ ମୁକ୍ତ କରିବା ପାଇଁ ଦୁଇ ମହାନାୟକଙ୍କ ଅଦମ୍ୟ ବଳିଦାନର ସ୍ମୃତିଚାରଣ କରିଥିଲେ। ଏହାସହ ବୀର ସୁରେନ୍ଦ୍ର ସାଏଙ୍କ ସ୍ମୃତିରେ ଏଠାରେ ଏକ ପାଠାଗାର ନିର୍ମାଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଭିସୁଟ୍ କୁଳପତି ପ୍ରଫେର ପତି ଓ କୁଳସଚିବ ଡାଙ୍ଗ ମୁଖ୍ୟ ଅତିଥି ପ୍ରଫେସର ମିଶ୍ରଙ୍କୁ ଏକ ସ୍ମାରକୀ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ପ୍ରଫେସର ଦେବଦତ୍ତ ମିଶ୍ର, ପ୍ରଫେସର ପ୍ରିୟରଞ୍ଜନ ମହାପାତ୍ର, ମୌଳିକ ଏବଂ ସାମାଜିକ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ପ୍ରିୟରଞ୍ଜନ ମହାପାତ୍ର, ଡିନ୍ ପୋଷ୍ଟ ଗ୍ରାଜୁଏଟ୍ ଷ୍ଟଡିଜ୍ ଆଣ୍ଡ୍ ରିସର୍ଚ୍ଚ ପ୍ରଫେସର ଆର.କେ.ସାହୁ, ଡିନ୍ ସିଡିସିଇ ପ୍ରଫେସର ଗଣେଶ୍ୱର ନାଥ, ଡିନ୍ ଏସ୍ଆର୍ଆଇସି ପ୍ରଫେସର ସୁକଲ୍ୟାଣ ଦାଶ, ନିର୍ଦ୍ଦେଶକ, ଆଭ୍ୟନ୍ତରୀଣ ଗୁଣବତ୍ତା ପ୍ରକୋଷ୍ଠ ପ୍ରଫେସର ଏସ.କେ.ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।




ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ଅବସରରେ ଭିସୁଟ୍ କୁଳପତି ଓ ଅନ୍ୟମାନେ।

# ପଥ ସଞ୍ଚାଳନ, ସ୍ୱର ମଙ୍ଗଳମ କାର୍ଯ୍ୟକ୍ରମ



ଆରଏସ୍ଏସ୍ ମହାନଗର ଆୟୋଜନରେ ପଥ ସଞ୍ଚାଳନରେ ସହର ପରିକ୍ରମା।

**ସମ୍ବଲପୁର, ୨୩।୧ (ବି.ଶଙ୍କର)**

ସ୍ୱାଧିନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଜନ୍ମ ତିଥିରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍ଏସ୍) ସମ୍ବଲପୁର ମହାନଗର ଆୟୋଜନରେ ପଥ ସଞ୍ଚାଳନ ଓ ସ୍ୱର ମଙ୍ଗଳମ କାର୍ଯ୍ୟକ୍ରମ ବୁଧବାର ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ହୋଇଯାଇଛି। ଜନମାନସ ମଧରେ ରାଷ୍ଟ୍ର ଭକ୍ତି ଓ ଦେଶ ପ୍ରେମ ଭାବର ଜାଗରଣ ପାଇଁ ଭବ୍ୟ ପଥ ସଞ୍ଚଳନ ହୋଇଥିଲା। ସକାଳ ୯ ଟାରେ ଜେଲ ଛକ ସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ମୂର୍ତ୍ତିରେ ମହାନଗର ସଂଘ ଚାଳକ ଐତିହାସିକ ଦୀପକ ପଣ୍ଡା, ପ୍ରାନ୍ତ କାର୍ଯ୍ୟବାହ ଗଣେଶ ମହାପାତ୍ରଙ୍କ ସମେତ ସଂଘର ଅନ୍ୟ ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପୂର୍ବାହ୍ନ ୧୦ଟାରେ ୫ଶହ ସ୍ୱୟଂ ସେବକ ପୂର୍ଣ୍ଣ ଗଣବେଶରେ ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିରରୁ ଶୋଭାଯାତ୍ରା ବାହାରି ବୈଦ୍ୟନାଥ ଛକ, ମ୍ୟୁନିସପାଲିଟି ଛକ, ବଡ଼ ସଡ଼କ ଦେଇ କୁଞ୍ଜେଲ ସିଂ ଦ୍ୱାର, ସାନ ସଡ଼କ, ପର୍ଶୁରାମ ଛକ ଓ ଗୋଲବଜାର ପରିକ୍ରମା କରିଥିଲେ। ବୀର ସୁରେନ୍ଦ୍ର ସାଏ, ଭାରତ ମାତା, ସୁବାସ ଚନ୍ଦ୍ର ବୋଷଙ୍କ ଫଟୋ ସହ ଘୋଷ ବାଦ୍ୟ (ବ୍ୟାଣ୍ଡ)ରେ ବିଭିନ୍ନ ଭାରତୀୟ ରଚନା ଓ ବୀରବାଦ୍ୟର ତାଳରେ ସ୍ୱୟଂସେବକମାନେ ପରିକ୍ରମା କରିଥିଲେ। ଶିଶୁମାନେ ଭାରତ ମାତା, ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଭଳି ପୋଷାକ ପିନ୍ଧି ଏଥିରେ ସାମିଲ ହୋଇଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ବସ୍ତି ବାସିନ୍ଦାମାନେ ସାମିଲ ହୋଇ କଳସ, ରଙ୍ଗୋଲି, ଝୋଟି ପକାଇ ଓ ପୁଷ୍ପ ବୃଷ୍ଟି କରି ପଥ ସଞ୍ଚଳନରେ ଭାଗ ନେଇଥିବା ସ୍ୱୟଂସେବକମାନଙ୍କୁ ସ୍ୱାଗତ କରିଥିଲେ। ସନ୍ଧ୍ୟା ୭ଟାରେ ସମଲେଶ୍ୱରୀ ମନ୍ଦିର ପାର୍କିଂ ପରିସରରେ ଡ. ସନାତନ ପ୍ରଧାନଙ୍କ ପରିଚାଳନାରେ ସ୍ୱର ମଙ୍ଗଳମ କାର୍ଯ୍ୟକ୍ରମ ହୋଇଥିଲା।

# ଲକ୍ଷ୍ମୀ ମନ୍ଦିରରେ ଅନ୍ନଭୋଗ ବଣ୍ଟନର ଶୁଭାରମ୍ଭ

**କୁଚିଣ୍ଡା, ୨୩।୧ (ବିରଞ୍ଚି ଦର୍ଜୀ)**

ସମ୍ବଲପୁର ଜିଲା କୁଚିଣ୍ଡା ପୁରୁଣା ବସ୍ଷ୍ଟାଣ୍ଡ ନିକଟ ଡେଲି ମାର୍କେଟରେ ଗୁରୁବାର ମା' ଲକ୍ଷ୍ମୀଙ୍କ ମନ୍ଦିରରେ ଅନ୍ନଭୋଗ ବଣ୍ଟନର ଶୁଭାରମ୍ଭ ଅପରାହ୍ନ ୨ଟାରେ ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀ ମନ୍ଦିର ସଭାପତି ଶୁଶିଲ କରଙ୍କ ତତ୍ତ୍ୱାବଧାନରେ ନିର୍ମାଣ ହୋଇଥିବା ଲକ୍ଷ୍ମୀ ମନ୍ଦିର ପୂଜା କମିଟି ସଭାପତି ଦେବେନ୍ଦ୍ର ପ୍ରସାଦ ପୋଦ୍ଦଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟଙ୍କୁ ନେଇ ଏଣିକି ପ୍ରତ୍ୟେକ ଗୁରୁବାର ମା' ଲକ୍ଷ୍ମୀ ଠାକୁରାଣୀଙ୍କ ପାଖରେ ଖେଚୁଡ଼ି ଅନ୍ନଭୋଗ ଲାଗି କରାଯାଇ ଭକ୍ତ ତଥା ସର୍ବସାଧାରଣରେ ବଣ୍ଟନ କରାଯିବା ନିଷ୍ପତ୍ତି ହୋଇଛି। ଏହି ଭୋଗ ବଣ୍ଟନ କାର୍ଯ୍ୟକ୍ରମ ଗୁରୁବାରଠାରୁ ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ବିପ୍ଳବ ଦାସ, କୋଷାଧ୍ୟକ୍ଷ ବିଦ୍ୟାଧର ଡନସନା, ପୂଜକ ପ୍ରଦୀପ ପଣ୍ଡା, ଶିବୁ ଅଗ୍ରୱାଲ, ନିରଞ୍ଜନ ବନଛୋର, ଠାକୁର ବେହେରା, ତ୍ରିନାଥ ପୃଷେଠ, ଯଶୋଦା କଟୁରି, ସବିତା ସାହୁ, ସଞ୍ଜୟ ସାହୁ, ଗୁରୁଚରଣ ସା ସହଯୋଗ କରିଥିଲେ।

# କୁଚିଣ୍ଡାରେ ନେତାଜୀ, ସୁରେନ୍ଦ୍ର ସାଏ ଜୟନ୍ତୀ

**କୁଚିଣ୍ଡା, ୨୩।୧ (ବିରଞ୍ଚି ଦର୍ଜୀ)**

ସମ୍ବଲପୁର ଜିଲା କୁଚିଣ୍ଡାରେ କଂଗ୍ରେସ ଓ ଭାଜପା ପକ୍ଷରୁ ନେତାଜୀ ସୁବାସ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। କଂଗ୍ରେସ ଭବନଠାରେ ଅପରାହ୍ନ ୫ଟାରେ କଂଗ୍ରେସ କର୍ମକର୍ତ୍ତାମାନେ ଏହି ଦୁଇ ବୀରପୁରୁଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ବୀରପୁତ୍ରମାନଙ୍କ ସ୍ମୃତିଚାରଣ ସହ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। ଡା.ଶରତ ଚନ୍ଦ୍ର ଗୌନ୍ତିଆ, କେଦାରନାଥ ବରିହା, ପୂର୍ବତନ ନଗରପାଳ ଅଖିଳ ପ୍ରତାପ ସିଂ, ସଞ୍ଜୟ ମହାନନ୍ଦ, ଆରତୀ ନାୟକ, ମହମ୍ମଦ ସାଫିକ, ଜତିନ୍ଦ୍ର ସାହୁ, ଲଳିତ ଅଗ୍ରୱାଲ, ଦୁର୍ଗାମାଧବ ସାହୁ, ବିମଳ ମହାନନ୍ଦ, ଇରାତ ନାଏକଙ୍କ ସମେତ ବହୁ କଂଗ୍ରେସ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କୁଚିଣ୍ଡା ନଗର ମଣ୍ଡଳ ଭାଜପା ପକ୍ଷରୁ ସଭାପତି ପ୍ରାଣବନ୍ଧୁ ନାଥଙ୍କ ନେତୃତ୍ୱରେ ଦୁଇ ବିପ୍ଳବୀଙ୍କ ଜନ୍ମତିଥି ପାଳିତ ହୋଇଯାଇଛି। ବରିଷ୍ଠ କାର୍ଯ୍ୟକର୍ତ୍ତା କାହ୍ନୁ ଚରଣ ନାୟକ, ପିଙ୍କୁ ପାଣି, ମହେଶ ରାୟ, ବାବୁଲୁ ଖଣ୍ଡା, ଯୁଧିଷ୍ଟିର କିଷାନ, ବିକାଶ ନାୟକ, ଆକାଶ ପାଣଗ୍ରାହୀ, ଯୁଧିଷ୍ଠିର ମିଞ୍ଜ, କୁଞ୍ଜଲତା ନାଏକ, ପୁଷ୍ପାଞ୍ଜଳି ପଟେଲ, ଗାୟତ୍ରୀ ଚାଲାନ, ସୁନୟନା ବେହେରା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ମ୍ୟାଚ ଟିକେଟ କିଣିଲେ କେନ୍ଦ୍ରମନ୍ତ୍ରୀ

**ସମ୍ବଲପୁର, ୨୩।୧ (ଭବାନୀ ଶଙ୍କର ଭୋଇ)**

**ବାରବାଟୀରେ ଭାରତ-ଇଂଲଣ୍ଡ କ୍ରିକେଟ ମ୍ୟାଚ**

ଫେବୃଆରୀ ୯ ରେ କଟକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଏକ ଦିବସୀୟ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ଗୁରୁବାର ସମ୍ବଲପୁରଠାରେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ)ର ସଦସ୍ୟମାନଙ୍କୁ ଭେଟିବା ଅବସରରେ ସେମାନଙ୍କଠାରୁ ଡିଜିଟାଲ ପେମେଣ୍ଟ ମାଧମରେ ଉକ୍ତ ମ୍ୟାଚର ଟିକେଟ କିଣିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ଓଡ଼ିଶାରେ କ୍ରିକେଟ ଖେଳକୁ ପ୍ରୋତ୍ସାହନ ଦେବା ଉପରେ ଓସିଏ କର୍ମକର୍ତ୍ତାଙ୍କ ସହ ସେ ଆଲୋଚନା କରିଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା, ଅନୁଗୋଳ ବିଧାୟକ ତଥା ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଅଲିମ୍ପିକ ଆସୋସିଏଶନ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଥିଲେ।

# ଭିମସାରରେ ନିଃଶୁଳ୍କ ଚା' ସେବା

**ସମ୍ବଲପୁର, ୨୩।୧ (ବି.ଶଙ୍କର)**

ଏମ୍ସ ଫାଉଣ୍ଡେସନ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଏବଂ ନେତାଜୀ ସୁଭାଷ ବୋଷ ଜୟନ୍ତୀରେ ବୁଧବାର ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲା ପରଧିଆପାଲି ସ୍ଥିତ ଏମ୍ସ ମହାବିଦ୍ୟାଳୟରେ ଜୟନ୍ତୀ କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ବୁର୍ଲା ଭିମସାରରେ ଚିକିତ୍ସାଧୀନ ରୋଗୀ ଓ ତାଙ୍କ ଅଭିଭାବକମାନଙ୍କ ପାନୀୟ ଜଳ, ଚା ଓ ଖାଦ୍ୟ ଦିଆଯାଇଛି। ପ୍ରତିଦିନ ସକାଳେ ରୋଗୀ ଓ ସେମାନଙ୍କ ଅଭିଭାବକମାନଙ୍କୁ ନିୟମିତ ଭାବରେ ମାଗଣା ଖାଦ୍ୟ ଯୋଗାଇ ଦିଆଯିବ। ତେଣୁ ଏହି ନିଃଶୁଳ୍କ ଚା ସେବା ପଦକ୍ଷେପ ଏମ୍ସ ଫାଉଣ୍ଡେଶନ ସଚିବ ଶ୍ରୀମନ୍ତ ପାତ୍ରଙ୍କ ଦ୍ୱାରା କାର୍ଯ୍ୟକ୍ରମ ହୋଇଥିଲା। ଏବଂ ପ୍ୟାରିଚୟ ଦଳ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିପିନ ପଣ୍ଡା, ଅବିନାଶ ମିଶ୍ର, ଅନିଲ ଦେହୁରୀ, ନାରାୟଣ ଯୋଗଦେଇ ଥିଲେ। ରୋଗୀମାନଙ୍କୁ ସାମାନ୍ୟ ସହାୟତା ଓ ସାହାଯ୍ୟ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଏମ୍ସ ଫାଉଣ୍ଡେଶନ ସଚିବ ପାତ୍ର ସୂଚିତ କରିଛନ୍ତି।




ଏମ୍ସ ଫାଉଣ୍ଡେଶନ ପକ୍ଷରୁ ବୁଧବାର ବୁର୍ଲା ଭିମସାରରେ ଚା ସେବା କାର୍ଯ୍ୟକ୍ରମରେ କର୍ମକର୍ତ୍ତା।

# ନେତାଜୀ କପ୍ କ୍ରିକେଟ: ବଳମ ଚାମ୍ପିୟନ

**ନାକଟିଦେଉଳ, ୨୩।୧ (ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଜଗନ୍ନାଥପ୍ରସାଦ ନେତାଜୀ କ୍ରୀଡା ଓ ସାଂସ୍କୃତିକ ସଂସଦ ପକ୍ଷରୁ ଗତ ୧୬ ତାରିଖଠାରୁ ଚାଲିଥିବା ନେତାଜୀ କପ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ସନ୍ଧ୍ୟା ୬ଟାରେ ଉଦ୍ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକର ବଳମ ଏବଂ ଦେବଗଡ଼ ଜିଲା ରିଆମାଳ ବ୍ଲକ କୁଣ୍ଢେଇଗୋଲା ମଧ୍ୟରେ ହୋଇଥିଲା। ଟସ୍ ଜିଣି କୁଣ୍ଢେଇଗୋଲା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭର ମଧ୍ୟରୁ ୧୭.୪ଓଭରରେ ସମସ୍ତ ଉଇକେଟ ହରାଇ ୧୧୧ରନ କରିଥିଲା। ଜବାବରେ ବଳମ ଦଳ ୧୮.୨ଓଭରରେ ୬ଉଇକେଟ ହରାଇ ୧୧୨ରନ କରି ଚାମ୍ପିୟନ ହୋଇଥିଲା।



ଅତିଥିଙ୍କ ସହ ଚାମ୍ପିୟନ ଓ ରନର ଅପ ଦଳର ଖେଳାଳିମାନେ।

ବଳମର ସୁମନ୍ତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଏବଂ କୁଣ୍ଢେଇଗୋଲାର ରଞ୍ଜିତଙ୍କୁ ମ୍ୟାନ ଅଫ ଦି ସିରିଜଭାବେ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଫାଇନାଲ ମ୍ୟାଚକୁ ନାକଟିଦେଉଳ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୁଦର୍ଶନ ସାହୁ ଉଦ୍ଘାଟନ କରିଥିଲେ। ଅଭିଷେକ ସାହୁ ଏବଂ ସୁମନ୍ତ ମୁଣ୍ଡା ମ୍ୟାଚ ପରିଚାଳନା କରିଥିଲେ। ନେତାଜୀ କ୍ରୀଡା ଓ ସାଂସ୍କୃତିକ ସଂସଦ ସଭାପତି ତଥା ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ମୁଖ୍ୟବକ୍ତାଭାବେ ବାଟଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ପ୍ରଫୁଲ୍ଲ କୁମାର ପ୍ରଧାନ, ସମ୍ମାନିତ ଅତିଥିଭାବେ ନାକଟିଦେଉଳ ବିଡ଼ିଓ କ୍ଷମାନିଧି ଭୋଇ, ସମ୍ବଲପୁର ଜିଲା ପୋଲିସର କନଷ୍ଟେବଲ ଓ ହାବିଲଦାର ସଂଘର ପୂର୍ବତନ ସମ୍ପାଦକ ପଙ୍କଜ କୁମାର ନାୟକ, ଜିଲା ପରିଷଦ ସଦସ୍ୟା ଟିକେଶରୀ ମେହେର ଏବଂ ସଂସଦର ବରିଷ୍ଠ ସଦସ୍ୟ ଜଗଦୀଶ ପ୍ରସାଦ ସାହ ଯୋଗଦେଇ ବିଜେତା ବଳମ ଏବଂ ଉପବିଜେତା କୁଣ୍ଢେଇଗୋଲା ଦଳକୁ ଟ୍ରଫି ସହିତ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ। ସଂସଦର ସମ୍ପାଦକ ହେମନ୍ତ କୁମାର ଅଦାବର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଜିତେନ୍ଦ୍ରିୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ନେତାଜୀ କ୍ରିକେଟ କ୍ଲବର ସୁମନ୍ତ ମୁଣ୍ଡା, ଅଶୋକ ବେହେରା, ଶୁଭାଶିଷ ବେହେରା, ଅମିତ ମୁଣ୍ଡା, ସମୀର ସାହୁ, ପ୍ରାଣବନ୍ଧୁ ସେଠ ଏବଂ ବସନ୍ତ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ବୀର ସୁରେନ୍ଦ୍ର ସାଏ ଓ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ

ଟିଟିଲାଗଡ଼,୨୩।୧(ସନ୍ତୋଷ ପଟ୍ଟନାୟକ)

ଗୁରୁବାର ଦିନ ସ୍ଥାନୀୟ ଡିଏଭି ପବ୍ଲିକ ସ୍କୁଲ ପରିସରରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଓଡ଼ିଆ ଶିକ୍ଷକ ସୁଶାନ୍ତ କବାଟ ବୀର ସୁରେନ୍ଦ୍ର ସାଏଙ୍କ ବିଷୟରେ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେଇଥିଲେ। ମହାଦେବ ସାହୁ ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ସୁରେନ୍ଦ୍ରଙ୍କ ଭୂମିକା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସାଏମନ ମଞ୍ଚ ପରିଚାଳନା କରିଥିଲେ। ଇତିହାସ ବିଭାଗର ଶିକ୍ଷକ ଜୟଦ୍ରଥ ବୀର ସୁରେନ୍ଦ୍ର ସାଏଙ୍କ ଉପରେ ପ୍ରାମାଣିକ ତଥ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବାଳକୃଷ୍ଣ ଶର୍ମା ଦେଶ ପ୍ରତି ଆମର କର୍ତ୍ତବ୍ୟ କିପରି ହେବା ଉଚିତ୍ ସେନେଇ ବକ୍ତବ୍ୟ ରଖିଥିଲେ। ରୁବିନା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

### ମା' ଦୁର୍ଗା କ୍ରିକେଟ୍ ଉଦ୍‌ଘାଟିତ

ଲୋଇସିଂହା,୨୩।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ହାଇସ୍କୁଲ ଖେଳପଡିଆରେ ମା' ଦୁର୍ଗା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିନରେ ଏ ଗ୍ରୁପର ୩ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। କ୍ୱାଟର ଫାଇନାଲରେ ବୁର୍ଡାକୁ ହରାଇ ବନ୍ଧଲିପଡ଼ା ସେମି ଫାଇନାଲକୁ ଉନ୍ନୀତ ହୋଇଥିଲା। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚରେ କନ୍ଧାଜୁରିକୁ ହରାଇଥିଲା ବନ୍ଧଲିପଡା। ସେହିପରି ଦ୍ୱିତୀୟ ମ୍ୟାଚରେ ଧଉଁରାଦାଦର୍‌କୁ ହରାଇ ବୁର୍ଡା ଦଳ କ୍ୱାଟର ଫାଇନାଲକୁ ଉନ୍ନୀତ ହୋଇଥିଲା। ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ରେବତୀ କାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।

### ସାମାଜିକ କର୍ମୀଙ୍କ ପରଲୋକ

ଟିଟିଲାଗଡ଼,୨୩।୧(ଶରତ ମିଶ୍ର)

ଟିଟିଲାଗଡ଼ ଅଞ୍ଚଳର ଜଣାଶୁଣା ସାମାଜିକ କର୍ମୀ ବନସିଂ ପ୍ରଧାନୀ(୭୬)ଙ୍କ ଗୁରୁବାର ନିଜ ବାସଭବନରେ ପରଲୋକ ହୋଇଯାଇଛି । ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଆଜି ସକାଳୁ ନିଜ ଗ୍ରାମ ମନିଗାଁକୁ ଆସିଥିଲେ। ସ୍ୱର୍ଗତ ପ୍ରଧାନୀ ବଲାଙ୍ଗୀର ଜିଲା ଆଦିବାସୀ ସଂଘର ବରିଷ୍ଠ ସଦସ୍ୟ, ଟୁପା ପ୍ରଗଣା, ଉତ୍କଳ କନ୍ଧ ସମାଜ ତଥା ଆଦିବାସୀ ପଞ୍ଚାୟତ ହାଇସ୍କୁଲର ସଭାପତି ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ଝିଅ, ଜ୍ୱାଇଁ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ଜିଲା ଆଦିବାସୀ ସଂଘ ଟିଟିଲାଗଡ଼ ଶାଖା ସଭାପତି ପଦ୍ମନ ପ୍ରଧାନୀ, ସମ୍ପାଦକ ସୁନିଲ ମାଝୀ, ଟିଟିଲାଗଡ଼ ନଗର ସଭାପତି ନିତ୍ୟାନନ୍ଦ ମାଝୀ, ଜଗନ୍ନାଥ ମାଝୀ, ପ୍ରଫୁଲ୍ଲ ପ୍ରଧାନୀ, ଟିକେଲାଲ ପାତ୍ର, ଦିଲୀପ ମାଝୀ, ହେମନ୍ତ ମାଝୀ ପ୍ରମୁଖ ସ୍ୱର୍ଗତ ପ୍ରଧାନୀଙ୍କ ଅନ୍ତିମ ସଂସ୍କାର ସମୟରେ ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ଗଭୀର ଶୋକ ପ୍ରକାଶ କରିଛନ୍ତି ।

### କୁକୁର କାମୁଡ଼ାରେ ଛାତ୍ରୀ ଗୁରୁତର

ଲୋଇସିଂହା,୨୩।୧(ସୁଶାନ୍ତ ବାରିକ)

ସ୍କୁଲ ଯାଉଥିବା ବେଳେ ବାଟରେ ବୁଲା କୁକୁର ପଲ ଆକ୍ରମଣରେ ଜଣେ ପ୍ରଥମ ଶ୍ରେଣୀ ଛାତ୍ରୀ ଗୁରୁତର ହୋଇଛନ୍ତି । ଏଭଳି ଅଭାବନୀୟ ଘଟଣା ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ଗ୍ରାମରେ ଘଟିଛି। ଏହି ଖବର ପାଇ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ନେଇ ଅଭିଭାବକ ମହଲରେ ଚିନ୍ତା ବଢିଯାଇଛି । ପ୍ରକାଶ ଯେ, ଝାରମୁଣ୍ଡା ଗ୍ରାମର ବିନୋଦ ପଟେଲଙ୍କ ଝିଅ ତନୁ ଗ୍ରାମର ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଥମ ଶ୍ରେଣୀ ଛାତ୍ରୀ। ବୁଧବାର ଛାତ୍ରୀ ଜଣକ ବସ୍ତି ମଧ୍ୟ ଦେଇ ସ୍କୁଲ ଯାଉଥିଲେ। ଏହି ସମୟରେ ୨ରୁ ୩ ବୁଲା କୁକୁର ତନୁଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଛାତ୍ରୀଙ୍କ ପାଟି ଶୁଣି ଆଖପାଖ ଲୋକେ ଦୌଡି ଆସି ତାଙ୍କୁ ଉଦ୍ଧାର କରିଥିଲେ। କୁକୁରଙ୍କ ଆକ୍ରମଣରେ ତନୁଙ୍କ ଡାହାଣ ଜଙ୍ଘରେ ଗଭୀର କ୍ଷତ ହୋଇଛି। ପ୍ରଥମେ ତାଙ୍କୁ ଚିକିତ୍ସା ପାଇଁ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ପରେ ବଲାଙ୍ଗୀର ଭୀମଭୋଇ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ କପିଳେଶ୍ୱର କୁମ୍ଭାର କହିଛନ୍ତି, ସ୍କୁଲ ଆସିବା ବାଟରେ ଏହି ଘଟଣା ଘଟିଛି। ସ୍କୁଲ ତରଫରୁ ପଠାଯାଇଥିବା ଦୁଇଜଣ ଶିକ୍ଷକ ଡାକ୍ତରଖାନା ଯାଇ ଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି ।

# ବିସ୍ଥାପିତଙ୍କ କଥା ବୁଝ, ନଚେତ୍ ମାର୍ଚ୍ଚରୁ ଆନ୍ଦୋଳନ

ବଲାଙ୍ଗୀର,୨୩।୧(ବୀରେନ୍ଦ୍ର କୁମାର ଝାଙ୍କର)



ଲୋୟର ସୁକ୍‌ତେଲ ବୁଡି ଅଞ୍ଚଳ ସଂଗ୍ରାମ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଉଛି।

**ଲୋୟର ସୁକତେଲ ବୁଡ଼ି ଅଞ୍ଚଳ ସଂଗ୍ରାମ ପରିଷଦର ଖବରଦାତା ସମ୍ମିଳନୀ**

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଗଲା ୧୨ ଦଫା ଦାବିପତ୍ର**

ଲୋୟର ସୁକତେଲ ବୁଡି ଅଞ୍ଚଳ ସଂଗ୍ରାମ ପରିଷଦ ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଗୁରୁବାର ଖବରଦାତା ସମ୍ମିଳନୀ ଡକାଯାଇଥିଲା। ଏଥିରେ ପ୍ରକଳ୍ପ ପ୍ରଭାବିତ ଓ ବିସ୍ଥାପିତଙ୍କ ସାମ୍ପ୍ରତିକ ସ୍ଥିତି ଏବଂ ସେମାନଙ୍କ ବିଭିନ୍ନ ସମସ୍ୟା ଉପରେ ସୂଚନା ଦିଆଯାଇଥିଲା। ପରିଷଦ ସମ୍ପାଦକ ସତ୍ୟ ବନଛୋର, ଉପଦେଷ୍ଟା ତ୍ରିଲୋଚନ ପୁଞ୍ଜି, ବରିଷ୍ଠ ସଭ୍ୟ କାହ୍ନୁ ମିଶ୍ର, କୃଷ୍ଣଚନ୍ଦ୍ର ରାଜପୁତ, ରାମଚନ୍ଦ୍ର ବରିହା, ରାଜ କିଶୋର ପଣ୍ଡା, ଦେବଦତ୍ତ ବାଗ, ପ୍ରେମରାଜ ବରିହା, ଡମ୍ବରୁ ବରିହା, ଚନ୍ଦ୍ରମଣି ବରିହା, ସୁଶାନ୍ତ ବରିହା, କପିଳେଶ୍ୱର ଭୋଇ ଉପସ୍ଥିତ ଥିଲେ। ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ଜରିଆରେ ବିସ୍ଥାପିତଙ୍କ ୧୨ ଦଫା ଦାବିପତ୍ର ପ୍ରେରଣ କରାଯାଇଛି। ଦାବିଗୁଡିକ ଉପରେ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିବା ସୂଚନା ଦିଆଯାଇଥିଲା। ୨୯ଟି ପ୍ରକଳ୍ପ ପ୍ରଭାବିତ ଗାଁରେ ସମାନ ଭାବରେ ୨୦୧୩ ଭୂମି ଅଧିଗ୍ରହଣ ଆଇନକୁ ପୂର୍ଣ୍ଣାଙ୍ଗ କାର୍ଯ୍ୟକାରୀ କରାଯିବା, ଲୋୟର ସୁକତେଲ ପ୍ରକଳ୍ପ ଉଦ୍‌ଘାଟନୀ ତାରିଖ ୩ ଜାନୁୟାରୀକୁ ସମସ୍ତ ପ୍ରକାର ପୁର୍ନବାସ, କ୍ଷତିପୂରଣ ଓ ଥଇଥାନ ସହାୟତା ସକାଶେ କଟ୍ ଅଫ୍ ଡେଟ୍ ଭାବେ ଗ୍ରହଣ କରାଯିବା, ପ୍ରତ୍ୟେକ ପ୍ରଭାବିତ ପରିବାରକୁ ବିସ୍ଥାପିତ ପରିଚୟପତ୍ର ପ୍ରଦାନ କରାଯିବା, ସରକାରଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ତଥ୍ୟ ଅନୁସନ୍ଧାନକାରୀ ଟିମ୍ ବଲାଙ୍ଗୀର ସୁକତେଲ ବୁଡି ଅଞ୍ଚଳକୁ ପଠାଯାଇ ବିସ୍ଥାପିତଙ୍କ ବିଭିନ୍ନ ସମସ୍ୟା ଅନୁଧ୍ୟାନ କରାଯିବା ସହ ସେସବୁର ଶୀଘ୍ର ସମାଧାନ କରିବା, ବିସ୍ଥାପିତ ଛାତ୍ରୀଛାତ୍ରମାନଙ୍କୁ ଗୁଣାତ୍ମକ ଶିକ୍ଷାଦାନ ବ୍ୟବସ୍ଥା କରାଯିବା, ପ୍ରତ୍ୟେକ ବିସ୍ଥାପିତ ପରିବାରଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇବା, ପୁର୍ନବାସ କଲୋନୀଗୁଡିକରେ ମୌଳିକ ସୁବିଧା ଯୋଗାଇବା ସହ ଭୂମିହୀନ ବିସ୍ଥାପିତ ପରିବାରଙ୍କୁ ଚିହ୍ନଟ କରାଯାଇ ଥଇଥାନ କରାଯିବାକୁ ଦାବି କରାଯାଇଛି। ଏହାସହିତ ଆଦିବାସୀ ଓ ଅନୁସୂଚିତ ଜାତି ବର୍ଗ ପରିବାରକୁ ୨୦୧୩ ଭୂମି ଅଧିଗ୍ରହଣ ଆଇନ ଅନୁଯାୟୀ ଜମି ଯୋଗାଇ ଦିଆଯିବା, ବିସ୍ଥାପିତ ବେକାର ଯୁବତୀଯୁବକମାନଙ୍କୁ ଧନ୍ଦାମୂଳକ ତାଲିମ ଦିଆଯିବା, କୃଷି ଶ୍ରମିକ, କଳାକାର, ଶିଳ୍ପୀ, ପାରମ୍ପରିକ ବୃତ୍ତିଧାରୀମାନଙ୍କ ଜୀବିକା ସୁନିଶ୍ଚିତ କରାଯିବା ସହ ଲୋୟର ସୁକତେଲ ଜଳଭଣ୍ଡାରରେ ମାଛ ଚାଷ ପାଇଁ ସମବାୟ ଗଠନ କରାଯିବା ଦାବି ଉପସ୍ଥାପନ କରାଯାଇଛି। ସରକାରୀ ତଥ୍ୟ ଅନୁଯାୟୀ ଏହି ପ୍ରକଳ୍ପରେ ୨୯ଟି ଗାଁର ୧୧,୬୦୬ ପରିବାର ପ୍ରଭାବିତ ହୋଇଥିବା ବେଳେ ୭୨୧୨ ପରିବାର ସମ୍ପୂର୍ଣ୍ଣ ବିସ୍ଥାପିତ ହୋଇଥିବା ଏବଂ ୨୩୫୦ ଆଦିବାସୀ ପରିବାର ବିସ୍ଥାପିତ ହୋଇଥିବା ସୂଚନା ଦିଆଯାଇଥିଲା। ଏବେ ବି ୨୪୦ ଭୂମିହୀନ ପରିବାର ଘରଡିହ ଓ ଘର ଅପେକ୍ଷାରେ ରହିଛନ୍ତି। କୁମିଆଁପାଲିର ୫୬ ଆଦିବାସୀ ପରିବାରକୁ ନ୍ୟାୟ ଦିଆଯାଇନାହିଁ । ସରକାର ୧୨ ଦଫା ଦାବି ଶୀଘ୍ର ପୂରଣ ନ କଲେ ମାର୍ଚ୍ଚ ୧ରୁ ବିସ୍ଥାପିତମାନେ ଗାନ୍ଧୀମାର୍ଗରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଭୀମପାହାଡ଼ ଓ ଚାନ୍ଦିଲି ପାହାଡ଼ର ବିକାଶ ପାଇଁ ଦାବି

ଦେଓଗାଁ,୨୩।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଭୀମପାହାଡ ଓ ଦେଷଣ୍ଡସ୍ଥିତ ଚାନ୍ଦିଲି ପାହାଡର ବିକାଶ ପାଇଁ ଗୁରୁବାର ବଲାଙ୍ଗୀର ଗସ୍ତରେ ଆସିଥିବା ପର୍ଯ୍ୟଟନ ସଚିବ ବଲୱନ୍ତ ସିଂଙ୍କୁ ସାକ୍ଷାତ କରି ଜନ ପ୍ରତିନିଧିମାନେ ଦାବି କରିଛନ୍ତି । ପ୍ରକାଶ ଯେ, ସ୍ଥାନୀୟ ବିଜାଖମନସ୍ଥିତ ଏସଆଇଏଚଏମଠାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ସାଲେପାଲି ସମିତି ସଭ୍ୟ ଲକ୍ଷ୍ମଣ କୁମାର ମେହେରଙ୍କ ନେତୃତ୍ୱରେ ଜନପ୍ରତିନିଧି ସଚିବ ସିଂଙ୍କୁ ସାକ୍ଷାତ କରି ପର୍ଯ୍ୟଟନସ୍ଥଳୀ ଭୀମପାହାଡର ବିଶେଷତ୍ୱ ଉପରେ ଆଲୋକପାତ କରିବା ସହ ଐତିହ୍ୟ ସମ୍ପନ୍ନ ଚାନ୍ଦିଲି ପାହାଡରେ ରହିଥିବା ବିଭିନ୍ନ କିମ୍ବଦନ୍ତୀ ଉପରେ ଅବଗତ କରିଥିଲେ । ଏହାଛଡା ଏହାର ବିକାଶ ହେଲେ ଅଞ୍ଚଳର ଆର୍ଥିକ ବିକାଶ ଘଟିବ ବୋଲି କହିଥିଲେ । ଭୀମପାହାଡର ବିକାଶ ପାଇଁ ଆହୁରି ୨୦କୋଟି ଓ ଚାନ୍ଦିଲି ପାହାଡକୁ ସ୍ୱୟଂ ସମ୍ପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀ ଘୋଷଣା କରିବା ସହ ଏହାର ବିକାଶ ପାଇଁ ୧୦କୋଟି ଟଙ୍କା ମଞ୍ଜୁର କରିବା ପାଇଁ ଜନ ପ୍ରତିନିଧିମାନେ ଦାବି କରିଥିଲେ । ଏହାସହ ଦେଷଣ୍ଡ ମେହେରକଟାର ଉନ୍ନତୀକରଣ ପାଇଁ ୬ କୋଟି ୭୦ଲକ୍ଷ ଟଙ୍କାର ଡିପିଆରକୁ ଅନୁମୋଦନ କରିବା ପାଇଁ ସଚିବଙ୍କ ନିକଟରେ ଦାବି ରଖିଥିଲେ । ଚାନ୍ଦଲି ପାହାଡରେ ଚାଲିଥିବା କାମକୁ ତ୍ୱରାନ୍ୱିତ କରିବା ପାଇଁ ସଚିବ ସିଂ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେବା ସହ ଏହି ଦୁଇଟି ସ୍ଥାନର ବିକାଶ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ ।


ଦେଓଗାଁ ବ୍ଲକର ଜନ ପ୍ରତିନିଧି ପର୍ଯ୍ୟଟନ ସଚିବଙ୍କୁ ସାକ୍ଷାତ କରୁଛନ୍ତି ।

# ଜଳ ଯୋଗାଣ ଦାବିରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଘେରିଲେ

ଲୋଇସିଂହା,୨୩।୧(ସୁଶାନ୍ତ ବାରିକ)


ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ମହିଳା ଓ ଗ୍ରାମବାସୀ ଦାବି ଜଣାଉଛନ୍ତି ।

ଜଳ ଯୋଗାଣ ଦାବିରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଗୁରୁବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ମହିଳାମାନେ ଘେରିଛନ୍ତି। ଯୋଗୀସର୍ଡା ପଞ୍ଚାୟତ ସଦର ଗ୍ରାମକୁ ପଞ୍ଚାୟତ ଅଧୀନ ଛେଲବାହାଲ ଗ୍ରାମ ନିକଟସ୍ଥ ସୁକତେଲ ନଦୀରୁ ପାଇପ ଯୋଗେ ଗ୍ରାମକୁ ଜଳ ଯୋଗାଣ ବ୍ୟବସ୍ଥା ହୋଇଛି। ଏବେ ହର୍ ଘର ନଳ ଯୋଜନାରେ ଘରକୁ ଘର ପାଣି ଯୋଗାଣ ପାଇଁ ଗ୍ରାମରେ ନୂଆ ପାଇପ ସଂଯୋଗ କାମ ଚାଲିଛି। ହେଲେ ଠିକାଦାରଙ୍କ ଅବହେଳାରୁ ଦୀର୍ଘ ଦେଢ଼ ମାସ ହେଲା କାମ ଅସମ୍ପୂର୍ଣ୍ଣ ହୋଇଛି। ଅପରପକ୍ଷେ କାମ ବନ୍ଦ ରହିଥିବା ପ୍ରକଳ୍ପରୁ ପାଣି ଯୋଗାଣ ବନ୍ଦ ରହିଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର ମନ୍ତ୍ରୀ ମହାଲିଙ୍ଗ ବାଦିବାହାଲ ହାଇସ୍କୁଲ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ଯୋଗଦେଇ ଫେରୁଥିବା ବେଳେ ବାଟରେ ଗ୍ରାମର ମନ୍ଦିର ଛକରେ ରଶ୍ମୀ ପଧାନଙ୍କ ନେତୃତ୍ୱରେ ଗ୍ରାମର ମହିଳାମାନେ ତାଙ୍କୁ ଅଟକାଇ ଗ୍ରାମର ପାନୀୟ ଜଳ ସମସ୍ୟା ନେଇ ଜଣାଇଥିଲେ। ମହିଳାଙ୍କ ଅଭିଯୋଗ ଶୁଣି ମନ୍ତ୍ରୀ ସପ୍ତାହକ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟକ୍ଷମ ପାଇଁ ପଦକ୍ଷେପ ନିଆଯିବ ଏବଂ ଶୁକ୍ରବାରଠାରୁ ଟ୍ୟାଙ୍କରରେ ପାଣି ଦିଆଯିବା ନେଇ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେବେ ବୋଲି କହିଥିଲେ। ଏହି ଅବସରରେ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ଗ୍ରାମବାସୀ ପ୍ରଦାନ କରିଥିଲେ ।

## ରକ୍ତଦାନ ଶିବିର: ୧୫ ୟୁନିଟ ରକ୍ତ ସଂଗ୍ରହ

କଣ୍ଟାବାଞ୍ଜି,୨୩।୧(ଗୁରୁ ଦୟାଲ ହଂସ)

ନେତାଜୀ ସୁବାଷ ବୋଷଙ୍କ ଜୟନ୍ତୀ ଅବସରରେ କଣ୍ଟାବାଞ୍ଜି ବିଜୁ ପଟ୍ଟନାୟକ ରେଡକ୍ରସ ରକ୍ତ ଭଣ୍ଡାରରେ ଏକ ରକ୍ତଦାନ ଶିବିର ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ସାଇ ଭାଇ ସୋସିଆଲ ୱାର୍କରର ସଭାପତି ରାଜେନ୍ଦ୍ର ଦୀପଙ୍କ ନେତୃତ୍ୱରେ ଏହି ଶିବିର ହୋଇଥିଲା। ସ୍ଥାନୀୟ ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୧୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପୁଷ୍ପକେତୁ ବେହେରା, କୃତିକର ବାଗ, ତୁଳସୀ ଜଗତ, ପପ୍ପୁ ଜୁଏଡ, ବୈକୁଣ୍ଠ ମହାନନ୍ଦ, ଡାକ୍ତର ପୁଟେଲ, ଘାସିରାମ ଜୈନ, ବ୍ରଜଶ୍ୟାମ ଗୁରୁ, ଗୁଲାମ ଜିଲାନି, ଦୁର୍ଗାପ୍ରସାଦ ଗୁପ୍ତାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ ।

# ଲୋକଙ୍କୁ ସଚେତନ କରିବା ଯୁବପିଢ଼ିଙ୍କ ଗୁରୁଦାୟିତ୍ୱ

ଲାଠୋର,୨୩।୧(ଭୁବନେଶ୍ୱର ବାରିକ)



ଏଡ୍‌ସ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ବୃନ୍ଦ ।

**ଏଚ୍‌ଆଇଭି ଉପରେ ସଚେତନତା ଆବଶ୍ୟକ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ପଞ୍ଚାୟତ ଡ଼ିଗ୍ରୀ କଲେଜ ପରିସର ସଭାଗୃହରେ ଛାତ୍ରୀଛାତ୍ରଙ୍କୁ ନେଇ ରେଡ଼ ରିବନ କ୍ଲବ ଏବଂ ରେଡ଼କ୍ରସ ୟୁନିଟର ମିଳିତ ଉଦ୍ୟମ ତଥା କଲେଜ ଅଧକ୍ଷ ପ୍ରସନ୍ନ ଦାଶଙ୍କ ଅଧକ୍ଷତାରେ ଏଚ୍‌ଆଇଭି ଏଡ୍‌ସ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ପରେ କଲେଜ ଅଧକ୍ଷ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ମୁଖ୍ୟଅତିଥି ଭାବେ ଲାଠୋର ମେଡ଼ିକାଲ ଅଫିସର ବର୍ଷାରାଣୀ ମେହେର ଆମେ କିପରି ଏଡ୍‌ସ ରୋଗରୁ ସୁରକ୍ଷିତ ରହିପାରିବା ସେ ନେଇ ପଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ବେହେରା ଯୋଗ ଦେଇ ରେଡ଼ ରିବନ ଏବଂ ରେଡ଼କ୍ରସର ଇତିହାସ ଉପରେ ଆଲୋକପାତ କରିଥିଲେ। ସେହିପରି ଖବରଦାତା ଭୁବନେଶ୍ୱର ବାରିକ ଯୋଗଦେଇ କହିଥିଲେ, ଏଡ୍‌ସ ରୋଗ ଉପରେ ବ୍ୟାପକ ସଚେତନତାର ଅବଶ୍ୟକ ରହିଛି। ବିଶେଷ କରି ଲୋକଙ୍କୁ ସଚେତନ କରିବା ଯୁବପିଢିଙ୍କ ଗୁରୁଦାୟିତ୍ୱ ବୋଲି କହିଥିଲେ। କପିଳ ସୁନା ଯୋଗଦେଇ ସମାଜରେ ଯୁବ ପିଢିଙ୍କ ଅନେକ ଦାୟିତ୍ୱ ରହିଛି। ସେମାନେ ଏ ଦିଗରେ ସଚେତନ ହେବା ସହ ଅନ୍ୟକୁ ସଚେତନ କରିବା ଉଚିତ ବୋଲି କହିଥିଲେ। ପରେ ଏଚଆଇଭି ଏଡ୍‌ସ ଉପରେ ଆୟୋଜନ ହୋଇଥିବା ରଚନା, ବକ୍ତୃତା, କୁଇଜ୍, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ଭାଗ ନେଇ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ରେଡ଼କ୍ରସ ପରାମର୍ଶଦାତା ତଥା ଇଂରାଜୀ ଅଧ୍ୟାପକ ଭବାନୀଶଙ୍କର ବରଗ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଧ୍ୟାପକ ସୁଶୀଲ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।

# 'ନେତାଜୀଙ୍କ ସ୍ୱପ୍ନର ଭାରତ ଗଢ଼ିବାକୁ ହେବ'

ବଲାଙ୍ଗୀର,୨୩।୧(ବୀରେନ୍ଦ୍ର କୁମାର ଝାଙ୍କର)


ନେତାଜୀ ପ୍ରତିମୂର୍ତ୍ତି ସ୍ଥଳରେ ସୁଭାଷ ଚିନ୍ତନ ପତ୍ରିକାର ଲୋକାର୍ପଣ କରାଯାଉଛି।

**ନେତାଜୀ ସଂଗ୍ରାମୀ ପରିଷଦ ପକ୍ଷରୁ ସୁଭାଷ ଜୟନ୍ତୀ ପାଳିତ**

**ସୁଭାଷ ଚିନ୍ତନ ପତ୍ରିକା ଲୋକର୍ପଣ**

ବଲାଙ୍ଗୀର ନେତାଜୀ ସଂଗ୍ରାମୀ ପରିଷଦ ପକ୍ଷରୁ ଗୁରୁବାର ୧୨୮ତମ ନେତାଜୀ ଜୟନ୍ତୀ ଏବଂ ପରିଷଦର ୩୩ତମ ପ୍ରତିଷ୍ଠା ଦିବସ ସୁଭାଷ ପରବ ପାଳନ କରାଯାଇଥିଲା। ଆବାହକ ବୀରେନ୍ଦ୍ର କୁମାର ବନ୍ଛୋରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ପରିଷଦ ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକ ପରିଚାଳନା କରିଥିଲେ। ଏଆଇଡିଏସ୍‌ଓର ପୂର୍ବତନ ସର୍ବଭାରତୀୟ ସାଧାରଣ ସମ୍ପାଦକ ଅଶୋକ ମିଶ୍ର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଗ୍ରନ୍ଥକାର ଓ ବରିଷ୍ଠ ଆଡଭୋକେଟ ଜୟକୃଷ୍ଣ ସାହୁ, ପରିବେଶ କର୍ମୀ ପ୍ରଦୋଷ ପତି ଓ ସଚ୍ଚିଦାନନ୍ଦ ବାଗଙ୍କୁ ପରିଷଦ ପକ୍ଷରୁ ମାନପତ୍ର ଓ ଉପଢ଼ୌକନ ଦେଇ ସୁଭାଷ ପରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଭାରେ ଉଦିତଚନ୍ଦ୍ର ପଣ୍ଡା, ରାଜେନ୍ଦ୍ର ଶର୍ମା, କୃପାସିନ୍ଧୁ ମିଶ୍ର, ଜୟପ୍ରକାଶ ପଣ୍ଡା, ସନ୍ତୋଷ ତ୍ରିପାଠୀ, ସୟେଦ୍ ଅଫତାବ୍ ହୁସେନ, ମୋହନ ପଣ୍ଡା, ଗୋପାଳଜୀ ପାଣିଗ୍ରାହୀ, ଶଶୀଭୂଷଣ ପୁରୋହିତ, ଓଁକାର ନାୟକ, ପ୍ରଦୀପ ଗୁରୁ, ରାଜ କିଶୋର ଦାଶ, ସନାତନ ଠାକୁର, ପ୍ରଶାନ୍ତ ଖମାରୀ, ନରେନ୍ଦ୍ର ମିଶ୍ର, ସୁଭାଷ ପଣ୍ଡା ପ୍ରମୁଖ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସାମୁହିକ ଭାବେ ପରିଷଦ ମୁଖପତ୍ର ସୁଭାଷ ଚିନ୍ତନ ପତ୍ରିକାର ଲୋକାର୍ପଣ କରିଥିଲେ। ବୀରେନ୍ଦ୍ର କୁମାର ଝାଙ୍କର ସୁଭାଷ ଚିନ୍ତନ ପତ୍ରିକା ଉପରେ ଆଲୋଚନା କରିଥିଲେ। ଶେଷରେ ସଞ୍ଜୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ନେତାଜୀ ପ୍ରତିମୂର୍ତ୍ତି ସ୍ଥଳରେ ଏଆଇଡିଏସ୍‌ଓ ବଲାଙ୍ଗୀର ଜିଲା କମିଟି ପକ୍ଷରୁ ନେତାଜୀ ଜୟନ୍ତୀ ପାଳନ କରାଯାଇଥିଲା। ସଙ୍ଗଠନ ଜିଲା ସଭାପତି ମଧୁସୂଦନ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନେତାଜୀ ସଂଗ୍ରାମୀ ପରିଷଦ ସଭାପତି ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ ଅଶୋକ ମିଶ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ମିଶ୍ର କହିଥିଲେ, ନେତାଜୀଙ୍କ ସ୍ୱପ୍ନର ଭାରତ ପ୍ରତିଷ୍ଠିତ ହୋଇ ପାରିନାହିଁ। ସାମ୍ପ୍ରଦାୟିକହିଂସା, ମଣିଷ ଉପରେ ମଣିଷର ଶୋଷଣ ବଢି ଚାଲିଛି। ନାରୀ ଅସୁରକ୍ଷିତ, ଶାସକ ଶ୍ରେଣୀ ଛାତ୍ର ଯୁବ ସମାଜର ନୈତିକ ମେରୁଦଣ୍ଡକୁ ପଙ୍ଗୁ କରି ଦେଉଛନ୍ତି। ତେଣୁ ସଙ୍ଗଠିତ ହୋଇ ଅନ୍ୟାୟ, ଅନୀତି, ଶୋଷଣ ବିରୋଧରେ ପ୍ରତିବାଦର ସ୍ୱର ଶାଣିତ କରିବା ସହ ସମାଜବାଦୀ ସମାଜ ପ୍ରତିଷ୍ଠା କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ନେତାଜୀ ଜୟନ୍ତୀ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ଦେଶାତ୍ମବୋଧକ ସଙ୍ଗୀତ, ସାଧାରଣ ଜ୍ଞାନ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସମ୍ପାଦିକା ଗୌରୀ ରାଉତ, ରାଜ୍ୟ ଉପସଭାପତି ସୁନୀଲ କୁମାର ଭୋଇ, ଜିଲା ଉପସଭାପତି ଅହଲ୍ୟା ସାହୁ, ଯୁବ ସଙ୍ଗଠନ ଜିଲା ସଭାପତି ଅମ୍ଲାନ ମିଶ୍ର, ପ୍ରଭାସିନୀ ଭୋଇ , ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଜିଲା ପ୍ରଶାସନ ପକ୍ଷରୁ ସକାଳେ ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ ନେତାଜୀ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁ ଉପସ୍ଥିତ ଥିଲେ।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.SNTCSBPOT80, ତା.16.01.2025ରିଖ

କାର୍ଯ୍ୟର ନାମ: "ପୂର୍ବ ତଟ ରେଳପଥରର ଲେଭେଲ କ୍ରସିଂ JT-1 ଏବଂ JT-2 କୁ ବନ୍ଦ କରିବା ପାଇଁ ଝାରସୁଗୁଡ଼ା ରୋଡ଼ ଠାରେ ପ୍ୟାନେଲ ପରିବର୍ତ୍ତନ କାର୍ଯ୍ୟ ଏବଂ ସରଲା - ଶାସନ, ଜରପଡ଼ା - ତାଳଚେର ରୋଡ଼ ସେକ୍ସନ, JSPL - ବଳରାମ ସେକ୍ସନ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନର କାର୍ଯ୍ୟ ସମ୍ବନ୍ଧୀୟ ସିଗ୍ନାଲ ଏବଂ ଟେଲିକମ୍ ଇଂଫ୍ରିଂଜମେଂଟ କୁ ଦୂର କରିବା ପାଇଁ କେବୁଲ, ଲୋକେସନ ବକ୍ସ, ସିଗ୍ନାଲ ପୋଷ୍ଟ ଇତ୍ୟାଦି ସିଗ୍ନାଲ ଏବଂ ଟେଲିକମ୍ ଗିୟରର ପରିବର୍ତ୍ତନ ।"

ଆନୁମାନିକ ମୂଲ୍ୟ : ₹1,42,68,655.00, EMD (₹): 2,21,400.00, ଇ-ଟେଣ୍ଡର ଶେଷ ହେବା ଅବଧି : 24(ଚବିଶ)ମାସ ।

ଇ-ଟେଣ୍ଡର ବନ୍ଦ ହେବା ତାରିଖ : ତା.07.02.2025 ରିଖ (1530 ଘଟିକା), ଇ-ଟେଣ୍ଡର ଖୋଲାଯିବା ତାରିଖ: ତା.07.02.2025 ରିଖ (1530 ଘଟିକା) ।

ସଂପୂର୍ଣ୍ଣ ବିବରଣୀ ଉପଲବ୍ଧ ହେବ : www.ireps.gov.in ରେ । ଯଦି ଇଣ୍ଟରନେଟ୍‌ରୁ ଡାଉନଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ (ମାନେ)ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ। ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ ।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ନିର୍ମାଣ/ ସମ୍ବଲପୁର

PR-130/CH/24-25



**ବିଜ୍ଞାପନ**

ଏହି ସନ୍ଦର୍ଭରେ:
ଡିଡ୍ ନମ୍ବର ୧୦୮୬୧୬୦୦୭୩୯, ତାରିଖ: ୨୦।୦୭।୨୦୧୬, ଖାତା ନମ୍ବର ୨୭୯/୮୮୧ ବିଶିଷ୍ଟ ଶିଳ୍ପ ପ୍ଲଟ୍ ପାଇଁ ସିଧାସଳଖ ଦେୟ ପାଇଁ ଲିଜ୍ ଡିଡି ଯାହା ବିଭିନ୍ନ ପ୍ଲଟ୍ ନମ୍ବର କ୍ଷେତ୍ର ହିସାବ ୯୯.୭୬ ଡିସି ନେଇ ଗଠିତ। ଏହା ଡିଏସଆର୍ ଝାରସୁଗୁଡ଼ା କାର୍ଯ୍ୟାଳୟରେ ସମ୍ପାଦିତ ହୋଇଥିଲା। ଏହା ମେସର୍ସ ଏମ୍‌ଏସ୍‌ପି ମେଟାଲିକ୍ସ୍ ଲିମିଟେଡ୍ (ପରେ ୦୭।୦୩।୨୦୨୩ରେ ଓଡ଼ିଶା ମେଟାଲିକ୍ସ୍ ପ୍ରାଇଭେଟ୍ ଲିମିଟେଡ୍ ସହିତ ମିଶ୍ରିତ) ପାଇଁ ଲିଜ୍ ଡିଡ୍ ଥିଲା।
ଉକ୍ତ ମୂଳ ଲିଜ୍ ଡିଡ୍ ନମ୍ବର ୧୦୮୬୧୬୦୦୭୩୯, ତାରିଖ: ୨୦।୦୭।୨୦୧୬, ଖାତା ନମ୍ବର ୨୭୯/୮୮୧ ସହିତ ବିଭିନ୍ନ ପ୍ଲଟ୍ ନମ୍ବର କ୍ଷେତ୍ର ହିସାବରେ ଗଠିତ। ଓଡ଼ିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ (IDCO), ଭୁବନେଶ୍ୱର ଏବଂ ମେସର୍ସ MSP ମେଟାଲିକ୍ସ୍ ଲିମିଟେଡ୍ (ପରେ ୦୭।୦୩।୨୦୨୩ରେ ଓଡ଼ିଶା ମେଟାଲିକ୍ସ୍ ପ୍ରାଇଭେଟ୍ ଲିମିଟେଡ୍ ସହିତ ମିଶ୍ରଣ) ମଧ୍ୟରେ ହୋଇଥିବା ୯୯.୭୬ ଡିସି ଝାରସୁଗୁଡ଼ାର ମାରାକୁଟାସ୍ଥିତ ଓଡ଼ିଶା ମେଟାଲିକ୍ସ୍ ପ୍ରାଇଭେଟ୍ ଲିମିଟେଡ୍ ପ୍ଲାଣ୍ଟ ଅଫିସ୍‌ରୁ ହଜିଯାଇଛି/ହଜିଯାଇଛି ଏବଂ ତଦନୁସାରେ ୧୩।୦୧।୨୦୨୫ତାରିଖରେ ସଦର ପି.ଏସ୍., ଜିଲ୍ଲା: ଝାରସୁଗୁଡ଼ା, ଓଡ଼ିଶାରେ ଥିବା ପୋଲିସ ଷ୍ଟେସନରେ ଏକ ଜିଡି ନମ୍ବର ୧୭ ଦାଖଲ କରାଯାଇଥିଲା। ଓଡ଼ିଶା ମେଟାଲିକ୍ସ୍ ପ୍ରାଇଭେଟ୍ ଲିମିଟେଡ୍ ଉକ୍ତ ସମ୍ପତ୍ତି ଉପରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବାଣିଜ୍ୟିକ ଶାଖା (୦୭୫୦୨), କୋଲକାତାକୁ ମର୍ଟଗେଜ୍ ଚାର୍ଜ ସୃଷ୍ଟି କରିବାକୁ ଚାହୁଁଛି। ତେଣୁ, ସାଧାରଣ ଜନତାଙ୍କୁ ଉକ୍ତ ଡିଡ୍ ଏବଂ ଉକ୍ତ ସମ୍ପତ୍ତି ସମ୍ପର୍କରେ କୌଣସି କାରବାର ନ କରିବାକୁ ପରାମର୍ଶ ଦିଆଯାଇଛି। ଯଦି କେହି ଉକ୍ତ ଡିଡ୍ ପାଇଛନ୍ତି କିମ୍ବା ସମ୍ପତ୍ତି ଉପରେ କୌଣସି ଦାବି ରଖିଛନ୍ତି, ତେବେ ୭ଦିନ ମଧ୍ୟରେ AGM ଏବଂ RM, AMT-3, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବାଣିଜ୍ୟିକ ଶାଖା, ୨୪ ପାର୍କ ଷ୍ଟ୍ରିଟ, କୋଲକାତା – ୭୦୦୦୧୬ରେ ଏକ ଆପତ୍ତି ଦାଖଲ କରିବାକୁ ପଡ଼ିବ, ଯେଉଁଠାରେ ପରେ ଆଉ କୌଣସି ଦାବି ଗ୍ରହଣ କରାଯିବ ନାହିଁ। ଯଦି ମିଳିଯାଏ, ତେବେ ଦୟାକରି ଶ୍ରୀ ସଞ୍ଜୀବ କୁ ଶ୍ରୀବାସ୍ତବ, CSO, ଓଡ଼ିଶା ମେଟାଲିକ୍ସ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ଜଣାନ୍ତୁ କିମ୍ବା AGM ଏବଂ RM, AMT-III, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବାଣିଜ୍ୟିକ ଶାଖା, ୨୪ ପାର୍କ ଷ୍ଟ୍ରିଟ୍, କୋଲକାତା – ୭୦୦୦୧୬କୁ ପଠାନ୍ତୁ।

ନିର୍ଦ୍ଦେଶକ
ଓଡ଼ିଶା ମେଟାଲିକ୍ସ୍ ପ୍ରାଇଭେଟ୍ ଲିମିଟେଡ୍



**କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ସୁବର୍ଣ୍ଣପୁର**

**ବିଜ୍ଞାପନ**

ଏତଦ୍ୱାରା ସୁବର୍ଣ୍ଣପୁର ତଥା ଆଖପାଖ ଅଞ୍ଚଳର ଜନସାଧାରଣ ଏବଂ କୃଷକ ଭାଇଭଉଣୀମାନଙ୍କ ଅବଗତି ନିମନ୍ତେ ଜଣେଇ ଦିଆଯାଉଛି ଯେ ଆସନ୍ତା ଜାନୁୟାରୀ ୨୨ତାରିଖରୁ ୨୬ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ରୟାଲ ପଡ଼ିଆ, ସୋନପୁରଠାରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଆୟୋଜନ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ କୃଷି ବିଭାଗ, ସୁବର୍ଣ୍ଣପୁର ତରଫରୁ ଅନୁଷ୍ଠିତ ହେବ। ଏହି ମେଳାରେ ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ, ବିଭିନ୍ନ କୃଷି ଯନ୍ତ୍ରପାତି ପାଇଁ ଆର୍ଥିକ ସହାୟତାର ସଚେତନତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିମନ୍ତେ ବିଶେଷ ରିହାତି ଏବଂ ବିକ୍ରୟ ବ୍ୟବସ୍ଥା, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣର ସୁଯୋଗ, କୃଷି ଓ ଆନୁଷଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡ଼ିକର ପ୍ରଚାର ଓ ପ୍ରସାର ନିମନ୍ତେ ଏବଂ ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରିମ ତତ୍କାଳ ବୁକିଂ ବ୍ୟବସ୍ଥା ଅଛି। ତେଣୁ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଜନସାଧାରଣ ଏବଂ କୃଷକ ଭାଇ ଭଉଣୀମାନଙ୍କୁ ଅନୁରୋଧ ଏହି ମେଳାରେ ବହୁ ସଂଖ୍ୟାରେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିବା ହେବେ।

ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ସୁବର୍ଣ୍ଣପୁର — ଜିଲ୍ଲାପାଳ, ସୁବର୍ଣ୍ଣପୁର



**OFFICE OF THE PRINCIPAL**
**MUNICIPAL COLLEGE, ROURKELA**

No. 184/MCR Date: 22.01.2025

**NOTICE OF INVITATION**

The Principal of Municipal College, Rourkela hereby invites proposals from reputed eligible firms/manufacturers/authorized dealers/suppliers located within State of Odisha for supply of the following items under OHEPEE Grant at the College premies.
1. Moulded Chairs for Girl's Hostel Common Room.
2. Tables for Girl's Hostel Common Room.
3. Table for Physics, Botany, Zoology Labs.

The interested firms may visit the College website i.e. **https://www.municipalcollegerkl.com** and download the Request for Proposal (RfP) documents or visit the college office for detail information and submit their sealed proposal to the Principal by Speed Post/Registered Post as per the terms and conditions mentioned in the RfP documents, so as to reach the college office on or before 21.02.2025 (12.00 Noon). The authority reserves the right to extend, accept or reject any or all the proposal without assigning any reason thereof.

Sd./- Principal
Municipal College, Rourkela



**ODISHA HYDRO POWER CORPORATION LTD.**
O/o. Sr. GENERAL MANAGER
HIRAKUD HYDRO ELECTRIC PROJECT
POST BOX NO. 5, BURLA - 768017, DISTRICT: SAMBALPUR (ODISHA), INDIA
Phone: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN: U40101OR1995SGC003963

No. HHEP/Tech-W-202/1/546 Date: 22.01.2025

**TENDER CALL NOTICE NO. HHEP-04/2025**

No. CAD-2263: Sealed tenders are invited on item rate contract basis in Double Cover System from the firm/agency/eligible class of contractor registered with the Govt. of Odisha and contractor of equivalent grade/class registered with Central Govt./MES/Railway having valid EPF, ESI, GST, PAN etc. for the following work.

| Sl. No. | Description of work | Cost of tender Paper (Non-refundable) in Rs. | EMD in Rs. (in shape of DD/ BC) | Period of availability of tender at OHPC website | Last date & time of receipt of tender | Date & time of Opeing |
|---|---|---|---|---|---|---|
| 1 | Injection of Polymer Modified Concrete (PMC) grout in the cracks of PH walls of HHEP, Burla | Rs.2360/- (Rs.2000/- + GST @ 18%) | 4850/- | 27.01.25 (11.00 A.M.) to 07.02.25 upto 03.00 P.M. | 07.02.25 upto 03.30 P.M. | 07.02.25 at 04.00 P.M. |

Further details of tender documents, terms & conditions, corrigendum etc. to the tender call notice, please visit our website **www.ohpcltd.com**.

OIPR-04007/11/0019/2425 Sd./- C&P Head, HHEP, Burla

# ଭିଜିଲାନ୍ସସ୍ତରୀୟ ତଦନ୍ତ ଦାବି

**ଦେବଗଡ଼,୨୩।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାରେ ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ 'ଓ୍ୟାଡସି' ଯୋଜନାରୁ ଯୋଗାଇ ଦିଆଯାଉଥିବା ବାସନ ଯୋଗାଣରେ ହୋଇଥିବା ଅନିୟମିତତା ଓ ଦୁର୍ନୀତି ଘଟଣା ଏବେ ଧୀରେ ଧୀରେ ସ୍ପଷ୍ଟ ହେବାରେ ଲାଗିଛି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କ୍ଷେତ୍ରରେ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ନିରବତା ଓ ଯୋଗାଣକାରୀ ସଂସ୍ଥାକୁ ଦେୟ ପ୍ରଦାନ କ୍ଷେତ୍ରରେ ତତ୍ପରତା ତାଙ୍କ ସାଧୁତା ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରୁଥିବା ବେଳେ ତାଙ୍କ ମନ୍ତବ୍ୟ ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରିଛି। ଏଣୁ ଘଟଣାର ଭିଜିଲାନ୍ସସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

ସୂଚନା ଯୋଗ୍ୟ ଯେ, ଦେବଗଡ଼ ଜିଲା ତିଲେଇବଣି ବ୍ଲକ (ଦେବଗଡ଼ ପୌରାଞ୍ଚଳ ସମେତ)ର ୨୮୯, ବାରକୋଟ ବ୍ଲକର ୨୫୬ ଓ ରିଆମାଳ ବ୍ଲକର ୨୫୫ଟି ଅଙ୍ଗନୱାଡି କେନ୍ଦ୍ରକୁ ମିଶାଇ ଜିଲାରେ ୮୦୦ଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ଏଥିମଧ୍ୟରୁ ୭୨୩ଟି ଅଙ୍ଗନୱାଡି କେନ୍ଦ୍ରକୁ ନୂତନ ବାସନ ଯୋଗାଇବା ନିମନ୍ତେ ସରକାରଙ୍କ ପକ୍ଷରୁ ଟେଣ୍ଡର ପ୍ରକ୍ରୀୟା କରାଯାଇଥିଲା। ଯୋଗ୍ୟ ଯୋଗାଣକାରୀ ସଂସ୍ଥା ୭୨୩ଟି ଅଙ୍ଗନୱାଡି କେନ୍ଦ୍ର(ପ୍ରତ୍ୟେକ)କୁ ବିଭାଗ ପକ୍ଷରୁ






ନିର୍ଦ୍ଧାରିତ ୮ହଜାର ୯୭୫ ଟଙ୍କା ମୂଲ୍ୟର ବାସନ ଅର୍ଥାତ ୭.୫ ଲିଟର କ୍ଷମତା ସମ୍ପନ୍ନ ଗୋଟିଏ ଓ ୫ ଲିଟର କ୍ଷମତା ବିଶିଷ୍ଟ ପିଜିଅନ କମ୍ପାନୀର ଗୋଟି ଏ ପ୍ରେସର କୁକର, ୨୮ଟି ଥାଳି, ୨୮ଟି ଗିନା, ୨୮ଟି ଚାମଚ, ୨୮ଟି ଗ୍ଲାସ, ଗୋଟିଏ ଖଡିକା, ଗୋଟିଏ ଭାତ ବାଢିବା ଚାମଚ, ଡାଙ୍କୁଣି ସହିତ ଗୋଟିଏ ଭାତରନ୍ଧା ଅଲୁମିନିୟମ ଡେକଚି, ହ୍ୟାଣ୍ଡେଲ ଥିବା ଗୋଟିଏ ଅଲୁମିନିୟମ କଡେଇ, ଡାଲମା ପ୍ରସ୍ତୁତି ନିମନ୍ତେ ଗୋଟିଏ ଡାଙ୍କୁଣି ଥିବା ଡେକଚି ଯୋଗାଇ ଦେବାକଥା। ଯୋଗାଣକାରୀ ସଂସ୍ଥା ନିଜ ଖର୍ଚ୍ଚରେ ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ବାସନ ପହଞ୍ଚାଇବା କଥା। ଉକ୍ତ ଯୋଗାଣକାରୀ ସଂସ୍ଥା ଅତ୍ୟନ୍ତ ନିମ୍ନମାନର ତଥା ଅଳ୍ପ ମୂଲ୍ୟର ବାସନ ଯୋଗାଇଥିବା ଅଭିଯୋଗ ହୋଇଛି। ସେହିପରି ଯୋଗାଣକାରୀ ସଂସ୍ଥା ଚୁକ୍ତି ଅନୁଯାୟୀ ଠିକ ସମୟରେ ବାସନ ଯୋଗାଇ ଦେଇ ନ ଥିବା ବେଳେ ନିୟମ ଅନୁଯାୟୀ କେନ୍ଦ୍ରରେ ପହଞ୍ଚାଇବା ପରିବର୍ତ୍ତେ ସେକ୍ଟର ପଏଣ୍ଟରେ ବାସନଗୁଡିକୁ ପହଞ୍ଚାଇ ଦାୟିତ୍ୱ ସାରି ଦେଉଛି। ଫଳରେ ଅଙ୍ଗନୱାଡି କର୍ମୀମାନେ ହଇରାଣ ହୋଇ ନିଜ ହାତରୁ ଅର୍ଥ ଏବଂ ସମୟ ଖର୍ଚ୍ଚକରି ବାସନକୁ ସଂଗ୍ରହ କରି ନିଜ କେନ୍ଦ୍ରକୁ ନେଇଥିଲେ। ଏ ନେଇ ସେମାନେ ଆପତି ଉଠାଇଲେ କେତେକ ନିର୍ଦ୍ଦିଷ୍ଟ ଅଧିକାରୀ ସେମାନଙ୍କୁ କାର୍ଯ୍ୟାନୁଷ୍ଠାନ ଭୟ ଦେଖାଉଥିବାରୁ ସେମାନେ ଚୁପ ରହିଥିଲେ। ବିଳମ୍ବରେ ହେଲେ ମଧ ଇତି ମଧରେ ତିଲେଇବଣି, ରିଆମାଳ ଓ ବାରକୋଟ ବ୍ଲକର ଧାର୍ଯ୍ୟ ୭୨୩ଟି ଅଙ୍ଗନୱାଡି କେନ୍ଦ୍ରରେ ବାସନ ପହଞ୍ଚିଛି। ହେଲେ ବିଡମ୍ବନାର ବିଷୟ ଏହା ଯେ, ଉକ୍ତ ଯୋଗାଣକାରୀ ସଂସ୍ଥା କୌଣସି ଗୋଟିଏ ବି ଅଙ୍ଗନୱାଡି କେନ୍ଦ୍ରରେ ବାସନ ନ ପହଞ୍ଚାଇ ଜିଲାରେ ଥିବା ୨୭ଟି ସେକ୍ଟର ପଏଣ୍ଟରେ ଏଗୁଡିକୁ ପହଞ୍ଚାଇ କାର୍ଯ୍ୟ ସାରିଦେବା ସହ ଗାଡ଼ିଭଡ଼ା ବାବଦ

**ଅଙ୍ଗନୱାଡି କେନ୍ଦ୍ରକୁ ବାସନ ଯୋଗାଣରେ ଅନିୟମିତତା ଓ ଦୁର୍ନୀତି ଘଟଣା**

**ସନ୍ଦେହରେ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ଭୂମିକା**

ଅର୍ଥ ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରତୀ ପ୍ରଧାନଙ୍କୁ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରି କେତେବେଳେ 'ଅଙ୍ଗନୱାଡି କେନ୍ଦ୍ର ବଦଳରେ ସେକ୍ଟର ପଏଣ୍ଟରେ ବାସନ ଯୋଗାଇବାକୁ ଯୋଗାଣକାରୀ ସଂସ୍ଥାକୁ ମୁଁ କହିଥିଲି' ବୋଲି କହିଛନ୍ତି। ସେହିପରି ବାରମ୍ବାର ମତ ବଦଳାଇ 'ଅଙ୍ଗନୱାଡି କେନ୍ଦ୍ର ବଦଳରେ ସେକ୍ଟର ପଏଣ୍ଟରେ ବାସନ ପହଞ୍ଚାଇବାକୁ ଆମ କମିଟି ସଦସ୍ୟମାନେ କହିଥିଲେ ବୋଲି କହୁଛନ୍ତି। ଏହି ଅନିୟମିତତା ଏବଂ ଦୁର୍ନୀତି ଘଟଣାରେ ଜିଲା ସମାଜ ମଙ୍ଗଳ ଅଧିକାରୀଣୀଙ୍କ ଭୂମିକା ସନ୍ଦେହଜନକ ରହିଛି। ଏଣୁ ବିଭାଗୀୟ ମନ୍ତ୍ରୀ, ନିର୍ଦ୍ଦେଶକ ଏବଂ ସଚିବ ଏହି ଘଟଣାର ଭିଜିଲାନ୍ସସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଜିଲା ପ୍ରଶାସନ ପକ୍ଷରୁ ନେତାଜୀ, ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ



ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସମୟରେ ଜିଲାପାଳ ଓ ବିଧାୟକଙ୍କ ସହିତ ଅନ୍ୟ ଅଧିକାରୀମାନେ।

**ଝାରସୁଗୁଡ଼ା,୨୩।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ପ୍ରଶାସନ ପକ୍ଷରୁ ଦୁଇ ମହାପୁରୁଷ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ କରାଯାଇଛି। ଗୁରୁବାର ସକାଳ ୮ଟାରେ ଜିଲାପାଳ ଅବୋଲି ସୁନିଲ ନରୱଣେ ଓ ବିଧାୟକ ଟଙ୍କଧର ତ୍ରିପାଠିଙ୍କ କରକମଳରେ ବୀର ସୁରେନ୍ଦ୍ର ସାଏ ଏୟାରପୋର୍ଟ ପ୍ରବେଶ ଗେଟ ତଥା ପରିସର ମଧ୍ୟରେ ଥିବା ବୀର ସୁରେନ୍ଦ୍ର ସାଏ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଡିଏମଏଫ୍ ଅଡୋଟରୀୟମଠାରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ସାଧାରଣ ବ୍ରଜବନ୍ଧୁ ଭୋଇ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ କିଶୋର ମଲ୍ଲିକ, ପିଡିଡିଆରଡିଏ ପ୍ରବୀର ନାୟକ ଯୋଗଦେଇଥିଲେ। ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା ସଭା ପରିଚାଳନା କରିଥିବା ବେଳେ ଜିଲାର ବହୁ ବୁଦ୍ଧିଜୀବୀ ଏବଂ ଅନେକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଜୟନ୍ତୀ ପାଳନ ଅବସରରେ ବିଧାୟକ ତ୍ରିପାଠୀ ଓ ଜିଲାପାଳ ନାରାୱାଣେ ବୀର ସୁରେନ୍ଦ୍ର ସାଏଙ୍କ ଜୀବନୀ ବିଷୟରେ ଆଲୋକପାତ କରିଥିଲେ।

**ବିଜ୍ଞାପନ**

ଏହି ସନ୍ଦର୍ଭରେ:
ଡିଡ୍ ନମ୍ବର ୧୦୮୬୧୬୦୦୭୩୯, ତାରିଖ: ୨୦।୦୭।୨୦୧୬, ଖାତା ନମ୍ବର ୨୭୯/୮୮୧ ବିଶିଷ୍ଟ ଶିଳ୍ପ ପ୍ଲଟ୍ ପାଇଁ ସିଧାସଳଖ ଦେୟ ପାଇଁ ଲିଜ୍ ଡିଡ଼ି ଯାହା ବିଭିନ୍ନ ପ୍ଲଟ୍ ନମ୍ବର କ୍ଷେତ୍ର ହିସାବ ୯୯.୭୬ ଡିସି ନେଇ ଗଠିତ। ଏହା ଡିଏସଆର୍ ଝାରସୁଗୁଡ଼ା କାର୍ଯ୍ୟାଳୟରେ ସମ୍ପାଦିତ ହୋଇଥିଲା। ଏହା ମେସର୍ସ ଏମ୍ଏସ୍ପି ମେଟାଲିକ୍ସ ଲିମିଟେଡ୍ (ପରେ ୦୭।୦୩।୨୦୨୩ରେ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ ସହିତ ମିଶ୍ରିତ) ପାଇଁ ଲିଜ୍ ଡିଡ୍ ଥିଲା।
ଉକ୍ତ ମୂଳ ଲିଜ୍ ଡିଡ୍ ନମ୍ବର ୧୦୮୬୧୬୦୦୭୩୯, ତାରିଖ: ୨୦।୦୭।୨୦୧୬, ଖାତା ନମ୍ବର ୨୭୯/୮୮୧ ସହିତ ବିଭିନ୍ନ ପ୍ଲଟ୍ ନମ୍ବର କ୍ଷେତ୍ର ହିସାବରେ ଗଠିତ। ଓଡ଼ିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ (IDCO), ଭୁବନେଶ୍ୱର ଏବଂ ମେସର୍ସ MSP ମେଟାଲିକ୍ସ ଲିମିଟେଡ୍ (ପରେ ୦୭।୦୩।୨୦୨୩ରେ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ ସହିତ ମିଶ୍ରଣ) ମଧ୍ୟରେ ହୋଇଥିବା ୯୯.୭୬ ଡିସି ଝାରସୁଗୁଡ଼ାର ମାରାକୁଟାସ୍ଥିତ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ ପ୍ଲାଣ୍ଟ ଅଫିସ୍‌ରୁ ହଜିଯାଇଛି/ହରିଯାଇଛି ଏବଂ ତଦନୁସାରେ ୧୩।୦୧।୨୦୨୫ତାରିଖରେ ସଦର ପି.ଏସ୍., ଜିଲ୍ଲା: ଝାରସୁଗୁଡ଼ା, ଓଡ଼ିଶାରେ ଥିବା ପୋଲିସ ଷ୍ଟେସନରେ ଏକ ଚିଠି ନମ୍ବର ୧୭ ଦାଖଲ କରାଯାଇଥିଲା। ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ ଉକ୍ତ ସମ୍ପତ୍ତି ଉପରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବାଣିଜ୍ୟିକ ଶାଖା (୦୭୫୦୨), କୋଲକାତାକୁ ମର୍ଟଗେଜ୍ ଚାର୍ଜ ସୃଷ୍ଟି କରିବାକୁ ଚାହୁଁଛି। ତେଣୁ, ସାଧାରଣ ଜନତାଙ୍କୁ ଉକ୍ତ ଡିଡ୍ ଏବଂ ଉକ୍ତ ସମ୍ପତ୍ତି ସମ୍ପର୍କରେ କୌଣସି କାରବାର ନ କରିବାକୁ ପରାମର୍ଶ ଦିଆଯାଇଛି। ଯଦି କେହି ଉକ୍ତ ଡିଡ୍ ପାଇଛନ୍ତି କିମ୍ବା ସମ୍ପତ୍ତି ଉପରେ କୌଣସି ଦାବି ରଖିଛନ୍ତି, ତେବେ ୭ଦିନ ମଧ୍ୟରେ AGM ଏବଂ RM, AMT-3, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବାଣିଜ୍ୟିକ ଶାଖା, ୨୪ ପାର୍କ ଷ୍ଟ୍ରିଟ୍, କୋଲକାତା – ୭୦୦୦୧୬ରେ ଏକ ଆପତ୍ତି ଦାଖଲ କରିବାକୁ ପଡ଼ିବ, ଯେଉଁଠାରେ ପରେ ଆଉ କୌଣସି ଦାବି ଗ୍ରହଣ କରାଯିବ ନାହିଁ। ଯଦି ମିଳିଯାଏ, ତେବେ ଦୟାକରି ଶ୍ରୀ ସଞ୍ଜୀବ କୁ ଶ୍ରୀବାସ୍ତବ, CSO, ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍‌କୁ ଜଣାନ୍ତୁ କିମ୍ବା AGM ଏବଂ RM, AMT-III, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବାଣିଜ୍ୟିକ ଶାଖା, ୨୪ ପାର୍କ ଷ୍ଟ୍ରିଟ୍, କୋଲକାତା – ୭୦୦୦୧୬କୁ ପଠାନ୍ତୁ।
ନିର୍ଦ୍ଦେଶକ
ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.SNTCSBPOT80, ତା.16.01.2025ରିଖ

କାର୍ଯ୍ୟର ନାମ: "ପୂର୍ବ ତଟ ରେଳପଥରର ଲେଭ୍ଲ କ୍ରସିଂ JT-1 ଏବଂ JT-2 କୁ ବନ୍ଦ କରିବା ପାଇଁ ଝାରସୁଗୁଡ଼ା ରୋଡ଼ ଠାରେ ପ୍ୟାନେଲ ପରିବର୍ତ୍ତନ କାର୍ଯ୍ୟ ଏବଂ ସରଲା - ଶାସନ, ଜରପଡ଼ା - ତାଳଚେର ରୋଡ଼ ସେକ୍ସନ, JSPL - ବଲରାମ ସେକ୍ସନ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନର କାର୍ଯ୍ୟ ସମ୍ବନ୍ଧୀୟ ସିଗ୍ନାଲ ଏବଂ ଟେଲିକମ୍ ଇଂଫ୍ରିଜମେଂଟ କୁ ଦୂର କରିବା ପାଇଁ କେବୁଲ, ଲୋକେସନ ବକ୍ସ, ସିଗ୍ନାଲ ପୋଷ୍ଟ ଇତ୍ୟାଦି ସିଗ୍ନାଲ ଏବଂ ଟେଲିକମ୍ ଗିୟରର ପରିବର୍ତ୍ତନ।"
ଆନୁମାନିକ ମୂଲ୍ୟ : ₹1,42,68,655.00, EMD (₹): 2,21,400.00, ଇ-ଟେଣ୍ଡର ଶେଷ ହେବା ଅବଧି : 24(ଚବିଶ)ମାସ।
ଇ-ଟେଣ୍ଡର ବନ୍ଦ ହେବା ତାରିଖ : ତା.07.02.2025 ରିଖ (1530 ଘଟିକା), ଇ-ଟେଣ୍ଡର ଖୋଲାଯିବା ତାରିଖ: ତା.07.02.2025 ରିଖ (1530 ଘଟିକା)।
ସଂପୂର୍ଣ୍ଣ ବିବରଣୀ ଉପଲବ୍ଧ ହେବ : www.ireps.gov.in ରେ। ଯଦି ଇଣ୍ଟରନେଟ୍‌ରୁ ଡାଉନଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ (ମାନେ)ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ। ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ।
ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ନିର୍ମାଣ/ସମ୍ବଲପୁର
PR-130/CH/24-25

**ସଂକ୍ଷେପରେ**

## ପରାକ୍ରମ ଦିବସ ପାଳିତ

**ଝାରସୁଗୁଡ଼ା,୨୩।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ପରାକ୍ରମ ଦିବସ ଗୁରୁବାର ପୂର୍ବାହ୍ନ ୧୧ଟାରେ ପାଳିତ ହୋଇଯାଇଛି। ବରିଷ୍ଠ ପ୍ରାଧ୍ୟାପକ ତପନ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ମୁଖ୍ୟବକ୍ତା ଭାବେ ଇତିହାସ ବିଭାଗ ଅଧ୍ୟାପକ ତଥା ଗବେଷକ ହିମାଂଶୁ ଶେଖର ମହାକୁଡ଼ ଯୋଗଦେଇ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପିକା ପୂର୍ଣ୍ଣମାମୟୀ ଦାଶ ଓ ଅଧ୍ୟାପିକା ପ୍ରଜ୍ଞା ପାରମିତା ପଟେଲ ଉଭୟ ବରପୁତ୍ରଙ୍କ ଜୀବନୀ ତଥା କୃତିତ୍ୱ ଉପରେ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ତପନ ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶେଷ ବର୍ଷ ଛାତ୍ରୀ ପୂଜା ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସ୍ଥାନରେ ନେତାଜୀ, ସାଏଙ୍କ ଜୟନ୍ତୀ ପାଳିତ

**ଝାରସୁଗୁଡ଼ା,୨୩।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସହର ସୁନାରି ମୁଣ୍ଡାସ୍ଥିତ ଡିଏଭି ସ୍କୁଲ ପ୍ରାଙ୍ଗଣରେ ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରେ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଫଟୋରେ ମାଲ୍ୟାର୍ପଣ କରିବା ସହ ଉପସ୍ଥିତ ସମସ୍ତଙ୍କୁ ମହାପୁରୁଷଙ୍କ ବିଚାର ଓ ଆଦର୍ଶକୁ ଜୀବନରେ ଆପଣେଇବାକୁ ଛାତ୍ରସମାଜକୁ ଆମନ୍ତ୍ରଣ କରିଥିଲେ। ଶିକ୍ଷକ ଏସ୍.କେ. ସିରାଜୁଦ୍ଦିନ ଓ ଛାତ୍ର ରିତେଶ ପାଢ଼ୀ ନେତାଜୀ ସୁବାଷ ବୋଷଙ୍କ ସଂରେ ଏବଂ ଶିକ୍ଷକ ସତ୍ୟନାରାୟଣ ଜେନା ଓ ଛାତ୍ରୀ ଆଦ୍ୟାଶା ତ୍ରିପାଠୀ ବୀର ସୁରେନ୍ଦ୍ର ସାଏଙ୍କ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ମହାପୁରୁଷଦ୍ୱୟଙ୍କ




ପରାକ୍ରମ ଦିବସ ନେଇ ହୋଇଥିବା ନାଟକ।

ଜୀବନୀ ସମ୍ବନ୍ଧିତ ଦୁଇଟି ନାଟକ ମଞ୍ଚସ୍ଥ କରିଥିଲେ। ସ୍ମୃତିକାନ୍ତ ନାଏକ, ସାମ୍ଭବୀ ସେନାପତି, ପ୍ରୀତି ପ୍ରସନ୍ନ ବିଶ୍ୱାଳ, ଅନ୍ୱେଷା ନନ୍ଦ, ଅଭିପସା କର, ଅଂଶୁରାଜ ପରମଜିତ ପୂଜାରୀ ଓ ସାଥୀ ଛାତ୍ରଛାତ୍ରୀଙ୍କ ମିଳିତ ଉଦ୍ୟମରେ ମଞ୍ଚସ୍ଥ ନାଟକଦ୍ୱୟ ପ୍ରଭାବୀ ହୋଇଥିଲା। ବିଦ୍ୟାଳୟ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସେହିପରି ସଦର ବ୍ଲକ ଅନ୍ତର୍ଗତ ପଞ୍ଚପଡ଼ା ଶିଶୁ ବିକାଶ ବିଦ୍ୟା ମନ୍ଦିରରେ ମୁଖ୍ୟଅତିଥି ପ୍ରେମାନନ୍ଦ ପଟେଲ ଓ ସମ୍ମାନିତ ଅତିଥି ଆଚାର୍ଯ୍ୟ ତେଜରାଜ୍ ସାହୁଙ୍କ ଉପସ୍ଥିତିରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ମନ୍ଦାକିନୀ ମାକର୍ ଅତିଥିଙ୍କ ପରିଚୟ ପ୍ରଦାନ ରଖିଥିବା ବେଳେ ବିଦ୍ୟାଳୟ ସମ୍ପାଦକ ଦିଗାମ୍ବର ମାଝି, ଆଚାର୍ଯ୍ୟ ତେଜରାଜ ସାହୁ ବକ୍ତବ୍ୟ ରଖିଥିଲେ। ସ୍ନେହାଶ୍ରୀ ବିଶ୍ୱାଳ ଭାଷଣ ଓ ରୂପାଲୀ ନରବେଣା ସଙ୍ଗୀତ ଦ୍ୱାରା ବୀର ପୁରୁଷଙ୍କ ମନେ ପକାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜିତା ନାଏକ, ଚନ୍ଦ୍ରିକା କିଷାନ, ତାରିଣୀ ପ୍ରିୟା ମହାନ୍ତି, ବର୍ଷା ରାଣୀ ଦୋରା, ଝରଣା ସାହୁ, ବୀଣା ପାଣି ପ୍ରଧାନ, ମୈଥିଳୀ ସାହୁ, ଗୋଲାପୀ ପାଣ୍ଡେ ପ୍ରମୁଖ ଉପସ୍ଥିତ ରହିଥିଲେ। ବିଦ୍ୟାଳୟ କୋଷାଧକ୍ଷା ପ୍ରିୟଙ୍କା ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ନେତାଜୀ, ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ

**ଦେବଗଡ଼,୨୩।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ନେତାଜୀ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ, ଶିଶୁ ଶିବିର ଓ ପୂର୍ବ ଛାତ୍ର ଏକତ୍ରୀକରଣ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ବାଞ୍ଛାନିଧି ସାହୁ ଓ ଦେବରାଜ ସାହୁ ମଞ୍ଚାସୀନ ଥିଲେ। ଭାରତୀ ଗୁରୁମା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୮୧ ଜଣ ଭାଇ ଭଉଣୀ ଉପସ୍ଥିତ ଥିଲେ। ଭାଇ ଭଉଣୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା ଓ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଣତି ଗୁରୁମାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଶେଷରେ ଦେବରାଜ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଏବିଭିପି ପକ୍ଷରୁ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା

**ଝାରସୁଗୁଡ଼ା,୨୩।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଝାରସୁଗୁଡ଼ା ନଗର ପକ୍ଷରୁ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପୂର୍ବାହ୍ନ ୧୦ଟାରୁ ଶୋଭାଯାତ୍ରା ଝାରସୁଗୁଡ଼ା ପୁରୁଣା ବାସଷ୍ଟାଣ୍ଡଠାରୁ ଆରମ୍ଭ ହୋଇ ମନମୋହନ ପଡିଆରେ ଶେଷ ହୋଇଥିଲା। ଏବିଭିପି କାର୍ଯ୍ୟକର୍ତ୍ତାମାନେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଅମର ବଳିଦାନ ଗାଥାକୁ ସମାଜ ପାଖରେ ପହଞ୍ଚାଇବା ପାଇଁ ଚେଷ୍ଟା କରିଥିଲେ। ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୨୫୦ରୁ ଅଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ପୁରୁଣା ବସଷ୍ଟାଣ୍ଡରେ ଖୋଲା ମଞ୍ଚ ହୋଇ କାର୍ଯ୍ୟକ୍ରମର ମହତ୍ୱ ବିଷୟରେ ଆଲୋଚନ ହୋଇଥିଲା। ବିଭାଗ ସଂଯୋଜକ ଗୋପାଳ ନାୟକ ବିଦ୍ୟାର୍ଥୀଙ୍କୁ ଉଦବୋଧନ ଦେଇ




ସଭା ଆରମ୍ଭ କରିଥିଲେ। ଏବିଭିପି ଓଡ଼ିଶା ପଶ୍ଚିମ ପ୍ରାନ୍ତର ପ୍ରାନ୍ତ ସଭାପତି ଡାକ୍ତର ସଞ୍ଜୀବ କୁମାର ନାୟକ ବିଦ୍ୟାର୍ଥୀମାନଙ୍କୁ ମହାପୁରୁଷ ମାନଙ୍କ ଜୀବନୀ ବିଷୟରେ ଅବଗତ କରାଇବା ସହ ଦେଶ ପାଇଁ ସମୟ ଦେବାକୁ ଆହ୍ୱାନ ଦେଇଥିଲେ। ଏବିଭିପି ଓଡ଼ିଶା ପଶ୍ଚିମ ପ୍ରନ୍ତର ପ୍ରାନ୍ତ ସହସମ୍ପାଦକ ବିଶାଳ ରାମ ଭାଇ, ଜିଲାର ଜିଲା ପ୍ରମୁଖ ଅଜୟ ସାହା, ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ତରଣ ଗଡ଼ବାନୀ ଓ ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ରିତେଶ ମିଶ୍ର ପ୍ରମୁଖ ଯୋଗଦେଇ ବୀର ସୁରେନ୍ଦ୍ର ସାଏଙ୍କ ବୀର ଗାଥା ସମ୍ବନ୍ଧରେ କହିଥିଲେ। ବହୁ ଛାତ୍ର ନେତା ବିଦ୍ୟାର୍ଥୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ନଗର ସମ୍ପାଦିକା ଅର୍ପିତା ପିଲୋଦିଆ ମଞ୍ଚ ପରିଚାଳନା ଏବଂ ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟା ଦିଶା ଜୈନ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଜୀବନ ଜ୍ୟୋତି ରାଉତ, ଚିନ୍ମୟ ବେହେରା, ସନ୍ତୋଷ ସେଠୀ, ପ୍ରେମ ସାହା, ସୁଧୀର କୁମାର, ଅକ୍ଷୟ କୁମାର, ସୁମି ପ୍ରଧାନ, ଅନ୍ମୋଲ, କରିନା ବେସନ, ନନ୍ଦିନୀ ପାତ୍ର ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ବିନ୍ଦିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ଦେବଗଡ଼,୨୩।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ପ୍ରଭାସୁଣୀ କ୍ଲଷ୍ଟର ଅନ୍ତର୍ଗତ ବିନ୍ଦିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧିର କୁମାର ଦାଶଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ତିଲେଇବଣି ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ସିଦ୍ଧାର୍ଥ ଗୁରୁ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଶୋକ ସାହୁ ଓ ସଞ୍ଜୀବ କୁମାର ପାଣିଗ୍ରାହୀ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଦୁଃଶାସନ ଗୋଚ୍ଛାୟତ ପ୍ରମୁଖ ମଞ୍ଚାସୀନ ରହିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ମ୍ୟୁଜିକ ଚେୟାର ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଅଭିଭାବକାମାନଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା।

**କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ସୁବର୍ଣ୍ଣପୁର**

**ବିଜ୍ଞାପନ**

ଏତଦ୍ୱାରା ସୁବର୍ଣ୍ଣପୁର ତଥା ଆଖପାଖ ଅଞ୍ଚଳର ଜନସାଧାରଣ ଏବଂ କୃଷକ ଭାଇଭଉଣୀମାନଙ୍କ ଅବଗତି ନିମନ୍ତେ ଜଣେଇ ଦିଆଯାଉଛି ଯେ ଆସନ୍ତା ଜାନୁୟାରୀ ୨୨ତାରିଖରୁ ୨୬ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ରୟାଲ ପଡ଼ିଆ, ସୋନପୁରଠାରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଆୟୋଜନ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ କୃଷି ବିଭାଗ, ସୁବର୍ଣ୍ଣପୁର ତରଫରୁ ଅନୁଷ୍ଠିତ ହେବ। ଏହି ମେଳାରେ ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ, ବିଭିନ୍ନ କୃଷି ଯନ୍ତ୍ରପାତି ପାଇଁ ଆର୍ଥିକ ସହାୟତାର ସଚେତନତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିମନ୍ତେ ବିଶେଷ ରିହାତି ଏବଂ ବିକ୍ରୟ ବ୍ୟବସ୍ଥା, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣର ସୁଯୋଗ, କୃଷି ଓ ଆନୁଷଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡ଼ିକର ପ୍ରଚାର ଓ ପ୍ରସାର ନିମନ୍ତେ ଏବଂ ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରିମ ତତ୍କାଳ ବୁକିଂ ବ୍ୟବସ୍ଥା ଅଛି। ତେଣୁ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଜନସାଧାରଣ ଏବଂ କୃଷକ ଭାଇ ଭଉଣୀମାନଙ୍କୁ ଅନୁରୋଧ ଏହି ମେଳାରେ ବହୁ ସଂଖ୍ୟାରେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିବା ହେବେ।

ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ସୁବର୍ଣ୍ଣପୁର — ଜିଲ୍ଲାପାଳ, ସୁବର୍ଣ୍ଣପୁର

**OFFICE OF THE PRINCIPAL**
**MUNICIPAL COLLEGE, ROURKELA**

No. 184/MCR Date: 22.01.2025

**NOTICE OF INVITATION**

The Principal of Municipal College, Rourkela hereby invites proposals from reputed eligible firms/manufacturers/authorized dealers/suppliers located within State of Odisha for supply of the following items under OHEPEE Grant at the College premies.
1. Moulded Chairs for Girl's Hostel Common Room.
2. Tables for Girl's Hostel Common Room.
3. Table for Physics, Botany, Zoology Labs.

The interested firms may visit the College website i.e. **https://www.municipalcollegerkl.com** and download the Request for Proposal (RfP) documents or visit the college office for detail information and submit their sealed proposal to the Principal by Speed Post/Registered Post as per the terms and conditions mentioned in the RfP documents, so as to reach the college office on or before 21.02.2025 (12.00 Noon). The authority reserves the right to extend, accept or reject any or all the proposal without assigning any reason thereof.

**Sd./- Principal**
**Municipal College, Rourkela**

## ମାନସିକ ଅନଗ୍ରସର ମହିଳା ଉଦ୍ଧାର

**ଝାରସୁଗୁଡ଼ା,୨୩।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଅନ୍ତର୍ଗତ ଖଲିଆକାନି ପାଖ ଶନି ମନ୍ଦିର ନିକଟରେ ଗତ କିଛି ଦିନ ହେଲା ଜଣେ ମାନସିକ ଅନଗ୍ରସର ମହିଳା(୬୫)ରାସ୍ତା କଡ଼ରେ ରହୁଥିଲେ। କେହି ବ୍ୟକ୍ତି ଖାଇବାକୁ ଦେଲେ ଖାଉଥିଲେ ନ ହେଲେ ଭୋକ ଉପାସରେ ରହୁଥିଲେ। ଏ ସମ୍ପର୍କରେ ଖବର ପାଇ ଗୁରୁବାର ପୂର୍ବାହ୍ନ ୧୧ଟାରେ ନୂଆ ଆଶା ସଙ୍ଗଠନର ଉପ ସଭାପତି ମିତା ଦୀପ ଏବଂ କାର୍ଯ୍ୟକର୍ତ୍ତାମାନେ ବ୍ରଜରାଜନଗର ଆଇଆଇସିଙ୍କୁ ଜଣାଇଥିଲେ। ବ୍ରଜରାଜନଗର ପୋଲିସ ସହାୟତାରେ ନୂଆ ଆଶା ସ୍ୱେଚ୍ଛାସେବୀ ସଙ୍ଗଠନ ସମ୍ପାଦକ ଅନିତା କାଲୋ, ସହ ସଂସ୍ଥାପକ ନେତ୍ରାନନ୍ଦ ସାହୁ, କୋଷାଧ୍ୟକ୍ଷ ନିରୁପମା ସାହୁ, ଜ୍ୟୋତ୍ସ୍ନାରାଣୀ ସା, କେଶବ ଗହୀର ପ୍ରମୁଖ ତାଙ୍କୁ ଗାନ୍ଧୀଛକରୁ ଉଦ୍ଧାର କରି ଏଚ୍‌କଟାପାଲି ମିଶନ ଆଶ୍ରା ୨ରେ ନେଇ ରଖିଥିଲେ।

# ଉତ୍ସବ ପ୍ରଧାନପାଟ ନେଇ ଦ୍ୱନ୍ଦ୍ୱରେ ଜିଲାବାସୀ

**ଦେବଗଡ଼,୨୩।୧(ଶଶାଙ୍କ ଶେଖର ଝାଙ୍କର)**

**ଧାର୍ଯ୍ୟ ତାରିଖକୁ ନେଇ ଅନିଶ୍ଚିତତା ଉତ୍ସବ ପ୍ରଧାନପାଟ**

- କାହା ଚାପରେ ତାରିଖ ହେବ ପରିବର୍ତ୍ତନ
- ଜିଲା ସାଂସ୍କୃତିକ ପରିଷଦର ସଦସ୍ୟଗଣ କାହିଁକି ଚୁପ୍
- କେନ୍ଦ୍ରମନ୍ତ୍ରୀ ସମୟ ଦେଲେ ହେବ ଉତ୍ସବ ପ୍ରଧାନପାଟ

ଦେବଗଡ଼ ଜିଲାର ଉତ୍ସବ ପ୍ରଧାନପାଟ ପାଇଁ ଆଉ କମ୍ ଦିନ ରହିଥିବା ବେଳେ ଏବେ ତାରିଖ ପରିବର୍ତ୍ତନ ହେବା ନେଇ ଶୁଣିବାକୁ ମିଳୁଛି। ଅନ୍ୟପକ୍ଷେ ଉତ୍ସବ ପ୍ରଧାନପାଟ ଆୟୋଜନ ପାଇଁ ବିଭିନ୍ନ ସବ କମିଟି ପକ୍ଷରୁ ବୈଠକ ସରିସାରିଛି, କିନ୍ତୁ ସମସ୍ତ ମେମ୍ବର ଚିନ୍ତା ଓ ଦ୍ୱନ୍ଦ୍ୱରେ କେବେ ହେବ ଉତ୍ସବ ପ୍ରଧାନପାଟ। ଏହାକୁ ନେଇ ଏବେ ଜିଲାରେ ଚର୍ଚ୍ଚା ହେଉଥିବା ବେଳେ ଉତ୍ସବ ପ୍ରଧାନପାଟ କେବେ ହେବ ତାହାକୁ ନେଇ ଜିଲାବାସୀ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି।

ସୂଚନା ଯୋଗ୍ୟ ଯେ, ଗତ ଡିସେମ୍ବର ୨୩ରେ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଉତ୍ସବ ପ୍ରଧାନପାଟ–୨୦୨୫ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଧାନପାଟ ବଡ଼ବଗିଚା ମୁକ୍ତ ରଙ୍ଗମଞ୍ଚରେ ଜାନୁଆରୀ ୨୯ରୁ ଆରମ୍ଭ ହୋଇ ଫେବୃଆରୀ ୨ ଯାଏ ୫ଦିନ ଧରି ହେବ ବୋଲି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଉତ୍ସବ ପ୍ରଧାନପାଟ ପାଇଁ ପ୍ରସ୍ତୁତି ବୈଠକରେ ସ୍ଥିର କରାଯାଇଛି। ଉତ୍ସବ ଆୟୋଜନ ନିମନ୍ତେ ଜିଲାର ଲୋକନୃତ୍ୟ ଦଳ ଏବଂ ଅନ୍ୟ ପ୍ରଦେଶର ଭିନ୍ନଭିନ୍ନ ଲୋକ ନୃତ୍ୟ ଜିଲାର ୩ବ୍ଲକର ସାଂସ୍କୃତିକ ଦଳକୁ ଯୋଗାଯୋଗ କରାଯିବା। ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟତୀତ ଉତ୍ସବ ଅବସରରେ ପଲିଶ୍ରୀ ମେଳା, ପୁସ୍ତକ ମେଳା, ଖାଦ୍ୟ ମେଳା ଏବଂ ଜିଲାସ୍ତରୀୟ ଉନ୍ନୟନ ପ୍ରଦର୍ଶନୀ ଆୟୋଜନ କରାଯିବ। ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମ ସୁପରିଚାଳନା ନିମନ୍ତେ ଭିନ୍ନଭିନ୍ନ ସବ କମିଟି ଗଠନ କରାଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ପୌରପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ଜିଲା ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପ ଜିଲାପାଳ ପରକ୍ଷିତ ସାହୁ, ସହକାରୀ ଜିଲାପାଳ ହେମନ୍ତ ସିଂ, ତାପସ ମହନ୍ତ, ଜିଲା ସଂସ୍କୃତି ପରିଷଦର ସଦସ୍ୟମାନେ ନିଜର ମତାମତ ରଖିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ଜିଲା ସାଂସ୍କୃତିକ ପରିଷଦର ସଦସ୍ୟମାନେ ଉପସ୍ଥିତ ଥିଲେ। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା। ଏତେ ଚର୍ଚ୍ଚା ପରେ ଜିଲା ସାଂସ୍କୃତିକ ପରିଷଦ ସଦସ୍ୟ ଗଣ ଚୁପ୍ କାହିଁକି। ଏ ସମ୍ପର୍କରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କୁ ପଚାରିବାରୁ ଉପରୁ ଅନୁମତି ମିଳିଲେ ପ୍ରଚାର ପ୍ରସାର କରାଯିବ ବୋଲି କହିଥିଲେ। ଏ ସମ୍ପର୍କରେ ଜିଲାପାଳ ତଥା ସାଂସ୍କୃତିକ ପରିଷଦ ଅଧ୍ୟକ୍ଷ କବୀନ୍ଦ୍ର କୁମାର ସାହୁଙ୍କୁ ପଚରିବାରୁ କହିଲେ କେନ୍ଦ୍ରମନ୍ତ୍ରୀଙ୍କ ସମୟ ଅନୁଯାୟୀ ତାରିଖ ଧାର୍ଯ୍ୟ ହେବ ବୋଲି କହିଥିଲେ। ହେଲେ ଏଠି ପ୍ରଶ୍ନ ଉଠୁଛି ଗତ ଡିସେମ୍ବର ୨୩ରେ କ'ଣ ପାଇଁ ଉତ୍ସବ ପ୍ରଧାନପାଟ ପ୍ରସ୍ତୁତ ବୈଠକ କରାଯାଇଥିଲା। ଯଦି ମନ୍ତ୍ରୀ ଆସିଲେ ଉତ୍ସବ ହେବ ମନ୍ତ୍ରୀଙ୍କୁ ପଚାରି ତାରିଖ ଧାର୍ଯ୍ୟ କରି ବୈଠକ କରିବା କଥା। ଏ ନେଇ ବୁଦ୍ଧିଜୀବୀ ମହଲରେ ନାନା ସମାଲୋଚନା ଓ ଆଲୋଚନା ହେଉଛି।

**ODISHA HYDRO POWER CORPORATION LTD.**
OHPC
**O/o. Sr. GENERAL MANAGER**
**HIRAKUD HYDRO ELECTRIC PROJECT**
POST BOX NO. 5, BURLA - 768017, DISTRICT: SAMBALPUR (ODISHA), INDIA
Phone: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN: U40101OR1995SGC003963

No. HHEP/Tech-W-202/1/546 Date: 22.01.2025

**TENDER CALL NOTICE NO. HHEP-04/2025**

No. CAD-2263: Sealed tenders are invited on item rate contract basis in Double Cover System from the firm/agency/eligible class of contractor registered with the Govt. of Odisha and contractor of equivalent grade/class registered with Central Govt./MES/Railway having valid EPF, ESI, GST, PAN etc. for the following work.

| Sl. No. | Description of work | Cost of tender Paper (Non-refundable) in Rs. | EMD in Rs. (in shape of DD/ BC) | Period of availability of tender at OHPC website | Last date & time of receipt of tender | Date & time of Opeing |
|---|---|---|---|---|---|---|
| 1 | Injection of Polymer Modified Concrete (PMC) grout in the cracks of PH walls of HHEP, Burla | Rs.2360/- (Rs.2000/- + GST @ 18%) | 4850/- | 27.01.25 (11.00 A.M.) to 07.02.25 upto 03.00 P.M. | 07.02.25 upto 03.30 P.M. | 07.02.25 at 04.00 P.M. |

Further details of tender documents, terms & conditions, corrigendum etc. to the tender call notice, please visit our website **www.ohpcltd.com**.

OIPR-04007/11/0019/2425 Sd./- C&P Head, HHEP, Burla

